ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

ଏପ୍ରିଲ ୧୭-୩୦, ୨୦୧୯


**ଅବଲୋକନ :** ଡ. ମଣୀନ୍ଦ୍ର କୁମାର ମେହେର

**ଅନୁବାଦ ଗଳ୍ପ :** ପରମାଦତ୍ତ ଝା

**ପ୍ରଥମ ବହି :** ରବିନ୍ ଖଣ୍ଡାୟତରାୟ

**ବିଶେଷ ଗପ :** ପ୍ରଦୀପ ନାୟକ

**ପହିଲି ପୁଲକ :** ଶ୍ୟାମ ପ୍ରକାଶ ସେନାପତି







# ଅମୃତ ପଥେ


ରବିନ୍ ଖଣ୍ଡାୟତରାୟ


ରବିନ୍ ଖଣ୍ଡାୟତରାୟଙ୍କ ଜନ୍ମ ୧୯୭୪ରେ, ଜଗତ୍‌ସିଂହପୁର ଜିଲା ପୁରୁଣାଗଡ଼ରେ। ବହୁ କବିତା, ପ୍ରବନ୍ଧ ଓ କ୍ଷୁଦ୍ରଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ତାଙ୍କୁ ଲେଖକୀୟ ଖ୍ୟାତି ଆଣି ଦେଇଛି। 'ଜୀବନ ଦେବ', 'ସତ ମଣିଷ' ଓ 'ତିନୋଟି ପାହାଚ' ପ୍ରଭୃତି ଗ୍ରନ୍ଥର ଏଇ ସୁଲେଖକ 'ଧରିତ୍ରୀ' ସମେତ ଆଗଧାଡ଼ିର କତିପୟ ଦୈନିକରେ ଜଣେ ନିୟମିତ ସ୍ତମ୍ଭକାର। 'ଘଟଣା' ନୁହେଁ, ଘଟଣାର 'ନେପଥ୍ୟ' ହିଁ ତାଙ୍କ ପ୍ରବନ୍ଧଗୁଡ଼ିକର ବିଶେଷତ୍ୱ ହୋଇଥାଏ। 'ନିଷ୍କର୍ଷ' ନ ଥାଇ 'ନିଷ୍କ୍ରମଣ'କୁ ଆପଣାନ୍ତି ତାଙ୍କର କ୍ୱଚିତ୍ ନିବନ୍ଧ...

୨୦୧୩ ମସିହା ରାଜଧାନୀ ପୁସ୍ତକ ମେଳା ପରିସର। ପୁସ୍ତକ, ପାଠକ ତଥା ପ୍ରକାଶକଙ୍କ ମହାକୁମ୍ଭରେ କୋଳାହଳମୟ ଥିଲା ପରିବେଶ। ମାତ୍ର ମୋ' ମନ କେଉଁଠି ଲାଗୁ ନ ଥିଲା। ପ୍ରଥମ ପୁସ୍ତକର ମୁଦ୍ରିତ ରୂପ ବାରମ୍ବାର ଆଗପଛ ଓଲଟାଇ ଦେଖୁଥିବା ବେଳେ ଅଜାଣତରେ କେତେବେଳେ ଆଖିପତା ଓଦା ହୋଇ ସାରିଥିଲା। ଏମିତି ରୂପଟିଏ ନେବା ପାଇଁ ସେ ଯେତେ କଷ୍ଟଦେଇଛି, ତାହା କଦାପି ଭୁଲି ହେବନି। ସବୁଠାରୁ ବେଶୀ କଷ୍ଟ ଥିଲା ଆର୍ଥିକ ଅଭାବ। ଶେଷକୁ ପରିସ୍ଥିତି ଏପରି ହେଲା ଯେ, ଇପିଏଫ୍ ଟଙ୍କା ଉଠାଇ ତା' କାମରେ ଲଗାଇବାକୁ ପଡ଼ିଥିଲା। ଆଉ ବହୁ ଘଣ୍ଟାଚକଟାର ବିଷବଳୟରୁ ଅମୃତ ପ୍ରାପ୍ତି ପରି ଲୋକଲୋଚନକୁ ଆସିଲା ମୋର ପ୍ରଥମ ବହି 'ଅମୃତ ପଥେ'।

ଗଲା ପାଞ୍ଚ ବର୍ଷ ଭିତରେ ପ୍ରଥମ ବହିର ଦ୍ୱିତୀୟ ସଂସ୍କରଣ ହୋଇ ସାରିଲାଣି, ଆଉ ତା' ପଛକୁ 'ଜୀବନ ଦେବ' ଓ 'ସତ ମଣିଷ' ଏବଂ ଏକ କବିତା ବହି 'ତିନୋଟି ପାହାଚ' ପ୍ରକାଶିତ ହୋଇ ସାରିଲାଣି। ମାତ୍ର 'ଅମୃତ ପଥେ'ର ଅମୃତ ଅନୁଭବ, ଆଉ ଏହାର ଅଭୁଲା ସ୍ମୃତି ଚିରଦିନକୁ ସାଇତା ହୋଇ ରହିଛି ମୋ' ମନ ସିନ୍ଦୁକର ରୁପା ଫରୁଆରେ। ଜୀବନର ଏହି ଅନନ୍ୟ ଅନୁଭୂତିକୁ ପୁଣି ଥରେ ମନେ ପକାଇବାର ଅବକାଶ ଦେଇଥିବାରୁ 'ଧରିତ୍ରୀ' ପରିବାର ନିକଟରେ ମୁଁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି।





ଏଥିସହିତ ଉଲ୍ଲେଖ କରିବାକୁ ପ୍ରାସଙ୍ଗିକ ମଣୁଛି 'ଧରିତ୍ରୀ'ରେ ପ୍ରକାଶିତ ମୋର ଲେଖା 'ପୁଅ ପାଇଁ ଚିଠିଟିଏ' (ଯାହା 'ଅମୃତ ପଥେ'ରେ ସ୍ଥାନିତ) ପଢ଼ି ଜଟଣୀରୁ ବନମାଳୀ ବେହେରା ଲେଖିଥିବା ଚିଠି। 'ଅମୃତ ପଥେ'ରେ ସ୍ଥାନ ପାଇଥିବା ଅନେକ ଲେଖା ପାଇଁ ମୁଁ କେତେକେତେ ଚିଠି ପାଇଛି, କିନ୍ତୁ ଏଇ ଚିଠିଟି ତା' ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଏଇଥିପାଇଁ ଯେ, ଏଥିରେ ପାଠକ ବେହେରାଙ୍କର ଅନ୍ତର୍ଭେଦୀ ମାର୍ମିକତା ରହିଛି। ସେ ଲେଖିଥିଲେ– "ଧରିତ୍ରୀ ସଂପାଦକୀୟ ପୃଷ୍ଠାରେ 'ପୁଅ ପାଇଁ ଚିଠିଟିଏ' ପଢ଼ି ଏହାକୁ ଶ୍ରେଷ୍ଠ ଚିଠିଟିଏ ବୋଲି କହିବାକୁ ମୋ' ମନ କହୁଛି। ଆଜିର ଏହି ଇଲେକ୍‌ଟ୍ରୋନିକ୍ସ ଯୁଗରେ ପୁଅମାନେ ଇଞ୍ଜିନିୟର ହୋଇ ସ୍ତ୍ରୀକୁ ସଙ୍ଗରେ ନେଇ ଦେଶ ବା ବିଦେଶରେ ଆରାମଦାୟକ ଜୀବନ ବିତାଉଥିବା ବେଳେ ନିଜର ବୃଦ୍ଧ ମାତାପିତାଙ୍କୁ ଅଣଦେଖା କରୁଥିବାର ଦୃଷ୍ଟାନ୍ତ ସଚରାଚର। ଏହା ଅତ୍ୟନ୍ତ ଦୁଃଖଦାୟକ ତଥା ଭାରତୀୟ ସଂସ୍କୃତି ପ୍ରତି ଶକ୍ତ କୁଠାରାଘାତ। x x ହେ ପୁତ୍ରଶ୍ରେଷ୍ଠମାନେ, ଏହି ନିବନ୍ଧଟିକୁ ପଢ଼ି ନିଜକୁ ସୁଧାରି ନିଅନ୍ତୁ।"




ମୋ' ବିଚାରରେ ଜଣେ ଲେଖକର ସାହିତ୍ୟ–ସୃଷ୍ଟି ସେତିକିବେଳେ ସଫଳ ହୁଏ, ଯେତେବେଳେ ତାହା ଅପରର ହୃଦୟକୁ ଛୁଇଁ ବିଗଳିତ କରେ। ମୋର 'ଅମୃତ ପଥେ' ବହିଟି ଯଦିଓ ମୋର ପ୍ରବନ୍ଧ ବହି, ଏହା କିନ୍ତୁ ମୋତେ ଲେଖକ ଭାବେ ଅପ୍ରତ୍ୟାଶିତ ସଫଳତା ଆଣିଦେଇଛି, ଯାହା ପରବର୍ତ୍ତୀ ଲେଖା ପାଇଁ ହୋଇପାରିଛି ମୋର ଯଥାର୍ଥ ପାଥେୟ।

# କଟକ ଓ କବି କାଜୁକୋ ପଢୁପଢୁ ମନ ରଙ୍ଗେଇ ଗଲା...




ମହାଶୟ,

✻ ସେଦିନ ଥିଲା 'ମାର୍ଚ୍ଚ ୨୦ ପଖାଳ ଦିବସ'। ସକାଳେ ବାଲ୍‌କୋନିରେ ବସିଥିଲା ବେଳେ ଗେଟ୍ ସେପଟୁ ଧରିତ୍ରୀ ସହ ଲମ୍ଫ ପ୍ରଦାନ କରି 'ସାହିତ୍ୟାୟନ' ମୋ' ଅଗଣାରେ ପଡ଼ିଲା। ତ୍ୱରିତ ପଦକ୍ଷେପରେ ଉଠାଇନେଲି କାଗଜଟିକୁ। ପୁଣି ଥରେ ଖସିପଡ଼ିଲା 'ସାହିତ୍ୟାୟନ'। ଆରେ ଏ କ'ଣ ! ହୋଲି ପୂର୍ବରୁ ପ୍ରଚ୍ଛଦରେ କୁକୁର, ପକ୍ଷୀ ଓ ହାତୀ ସମସ୍ତେ ହୋଲି ଅଗ୍ରିମ ଖେଳି ସାରିଲେଣି ! ସତରେ ଏଇ ମାର୍ଚ୍ଚରେ ବି ଚାର୍ମ ରହିଛି। ଅମାନିଆ ହାତୀ ଦୁଇଟି ଥୋଡ଼ପାହାଡ଼ରେ ରଙ୍ଗ ଶୋଷି ପକ୍ଷୀ ଓ କୁକୁରକୁ ବି ରଙ୍ଗିନ୍ କରିଦେଇଥିବା ଭଳି– 'କଟକ ଓ କବି କାଜୁକୋ' ପଢୁପଢୁ ମନ ରଙ୍ଗେଇ ଗଲା ସେ କାଳର କଟକରେ। ତିନିକୋଣିଆ ବଗିଚାର କବି 'ଜୟନ୍ତବାବୁ' ବିଶ୍ୱ ବିଜୟୀ ହୋଇଛନ୍ତି ଏଇ କବିତା ଯୋଗୁ। ଆଚାର୍ଯ୍ୟ ଘରର 'ସବା' ବଡ଼ବୋହୂ ଭୁବନମୋହିନୀ, ହୁଳହୁଳି, ଘରକାମ ଓ ରନ୍ଧାବଢ଼ାରେ ସମସ୍ତଙ୍କଠୁଁ ଅଲଗା ବାରି ହୋଇ ପଡୁଥିଲେ। ସବାରିକୁ ଧୀରେ ଧୀରେ ଚଳାଇ 'ପ୍ରଜ୍ଞାଶ୍ରୀ ରଥ' ଭୁବନମୋହିନୀଙ୍କୁ ବିଜୟଶ୍ରୀ ପରିଧାନ କରେଇ ଦେଇଛନ୍ତି। 'ସବାରି' ଗଳ୍ପରେ ସୁଲୋଚନାଙ୍କ ଲୋଚନରେ ନିଜକୁ ଖୋଲିଦେଲେ ସବୁ ଠିକ୍‌ଠାକ୍ ହୋଇଯିବ ସଞ୍ଜୀବବାବୁ (ମୋ ଛାତି ତଳେ ଥିବା ଶୃଙ୍ଖଳା ନଇ, ଉଛୁଳିପଡ଼େ ବାପାପଣରେ) ମର୍ମସ୍ପର୍ଶୀ। କବୟିତ୍ରୀ ବୀଣାପାଣି 'ବାରୁଣାବନ୍ତର ବାରୁଣୀ ଆକାଶେ, ଏଇ ଯେ ତରୁଣୀ ଜହ୍ନ, ସ୍ୱପ୍ନ ସଜଳ ଆଖିରେ ଚାହିଁଛି, ଯାହା ଘଟ ରାତିଦିନ।' ଅନ୍ୟ କବିତା ମଧ୍ୟ ଭିନ୍ନ ସ୍ୱାଦର। ବୈତରଣୀ କୂଳ ବନ୍ଦାଲୋ ଗାଁର ସୁଷମାଙ୍କ ପ୍ରଥମ କବିତା 'ଅପହଞ୍ଚ' ତାକୁ ଏବେ ଅପହଞ୍ଚ ଦୂରତାରେ ପହଞ୍ଚାଇ ଦେଇଛି। 'ସୂର୍ଯ୍ୟାଂଶୁ', ଚାଲିଛି 'ଲମ୍ବାଚଉଡ଼ା ବାଟ' କାନ୍ଧରେ ପଡ଼ିଛି 'ଭେଦର ଗଣ୍ଠିଲି'। ଆଉ 'ଭୂପେନ୍ ମହାପାତ୍ରଙ୍କ ପଚାଶ କ୍ଷୁଦ୍ରଗଳ୍ପ'କୁ ମନେମନେ ଭାବି ପଚାରୁଛି ପ୍ରଶ୍ନ ସେ ନିଜକୁ ଏବେ 'ଶିକ୍ଷାର ଗତି କୁଆଡ଼େ ?' 'ଧରିତ୍ରୀ' ତଥା 'ସାହିତ୍ୟାୟନ' ପରିବାରକୁ ହୋଲି ପର୍ବର ରଙ୍ଗିନ୍ ଅଭିନନ୍ଦନ ସହ।

– ସୁସ୍ମିତା ପୁରୋହିତ,
ସଦେଇପାଲି, ନୂଆ କଲୋନୀ, ବୁର୍ଲା, ସମ୍ବଲପୁର

✻ ୨୦ ମାର୍ଚ୍ଚ 'ସାହିତ୍ୟାୟନ'ର 'ସ୍ମରଣୀୟ'ରେ ପ୍ରଜ୍ଞାଶ୍ରୀ ରଥଙ୍କର 'ସବାରି' ଏକ କାଳଜୟୀ ଗଳ୍ପ। ଆମ ସମାଜରେ ପୂର୍ବରୁ ବିଭାଘରରେ ପାଲିଙ୍କି ଓ ସବାରିର ପ୍ରଚଳନ ଥିଲା। ବାଲ୍ୟବିବାହ ଥିଲା ସାମାଜିକ ଚଳଣିରୁ ଅନ୍ୟତମ। ବିବାହ ପରେ ପୁଆଣି ବହୁ ଜାକଜମକରେ ହେଉଥିଲା। ଥିଲାବାଲା ଘର ଝିଅକୁ ଯାହା ଦବା କଥା ଶଗଡ଼ରେ ଭାର ସ୍ୱରୂପ ଦେଉଥିଲେ। ସେହି ସବାରି ସୁଖଦୁଃଖ, ହସକାନ୍ଦ ସବୁ ଦେଖୁଥିଲା। କନ୍ୟାଟି ନିଜ ବାପା, ମା', ଭାଇ, ବନ୍ଧୁକୁଟୁମ୍ବଙ୍କୁ ଛାଡ଼ି ଶାଶୁଘରକୁ ଯିବାବେଳର ଦୃଶ୍ୟକୁ ଅନୁଭବ କରୁଥିଲା। ଗଳ୍ପରେ ଝିଅଟି ପୁଆଣି ହୋଇ ଆସିବାର ମାତ୍ର ପାଞ୍ଚଦିନ ପରେ ବିଧବା ହୋଇ ଏକ ବଡ଼ ପରିବାରରେ କାଳ କାଟିବା ବାସ୍ତବରେ ଯନ୍ତ୍ରଣାଦାୟକ। 'ସବାରି'ରେ ଏପରି ଚରିତ୍ରର ନିଖୁଣ ବର୍ଣ୍ଣନା ମର୍ମସ୍ପର୍ଶୀ। ଯେଉଁ ସବାରି ଏତେ ସଜେଇହୋଇ 'ବିବାହ'ରେ ଲାଗୁଥିଲା, କାଳକ୍ରମେ ତାହା ଅଲୋଡ଼ା ହୋଇଗଲା। ପ୍ରଜ୍ଞାଶ୍ରୀଙ୍କର ଏପରି ହୃଦୟଛୁଆଁ ଲେଖା ଅଭୁଲା ହୋଇରହିବ।

'ଆତ୍ମାର ଶାନ୍ତି' କେବଳ ଲାଭ କରାଯାଇପାରେ ଅନ୍ୟକୁ ଭଲ ପାଇବାରେ, ଯହିଁରେ ଶରୀରର ଆବର୍ଜନା ନିଷ୍କାସିତ ହୋଇଯାଏ। ସଂସାରର ମୋହ, ମାୟା, କାମନା ବାସନାରୁ ବର୍ତ୍ତିବାର ଏକମାତ୍ର ଉପାୟ ହେଉଛି ଏହି ଭଲପାଇବାକୁ ସାର୍ବଜନୀନ କରିବା, ଯାହା ଏହି ରଚନାରେ ପ୍ରତିଫଳିତ। ଶିଶୁଟିଏ ପୃଥିବୀରେ ଭୂମିଷ୍ଠ ହେବା ପରଠୁ ଶାରୀରିକ, ମାନସିକ ବିକାଶର ଅଭିବୃଦ୍ଧି ସହ ତା'ର ଦରୋଟି କଥା ପିତାମାତାଙ୍କ ମନରେ ଅସରନ୍ତି ଆନନ୍ଦ ଭରିଦିଏ, ଯାହା 'ବାପାପଣ'ରେ ପରିସ୍ଫୁଟ। ଜାପାନ କବି କାଜୁକୋଙ୍କର କଟକରେ ସ୍ୱଳ୍ପ ରହଣି ମଧ୍ୟରେ ଏହାର ପରିବେଶରେ ଏତେ ମୋହିତ ହୋଇଯାଇଥିଲେ ଯେ, ତାଙ୍କ ରଚିତ କବିତାର ଇଂଲିଶ୍ ଅନୁବାଦ 'ଥାର୍ଡ ରେଲ୍'ରେ ଓ 'ଚନ୍ଦ୍ରଭାଗା'ରେ ପ୍ରକାଶିତ ହେବା ସେ କାଳ କଟକର ମହତ୍ତ୍ୱ ପ୍ରତିପାଦନ କରେ।

– ହରମୋହନ ମହାନ୍ତି,
ଦଉତୋଟା, ପୁରୀ

✻ ମାର୍ଚ୍ଚ ଛ' ପ୍ରଥମ ସଂଖ୍ୟାର ପ୍ରଚ୍ଛଦପଟର ଶାୟିତ ଶାର୍ଦ୍ଦୂଳ ଓ ଗେଣ୍ଡାଳିଆ ଯୁଗଳ, ରଙ୍ଗ ନୀଳ ଖୁବ୍ ଛବିଳ। ପ୍ରଥମ ବହି ସ୍ତମ୍ଭରେ କବୟିତ୍ରୀ ଈପ୍‌ସିତା ଷଡ଼ଙ୍ଗୀଙ୍କ 'ପକ୍ଷୀ ଫେରିନି'ର ପ୍ରଚ୍ଛଦ ସ୍ୱାହା ମିଶ୍ର ଆଙ୍କିଥିବା ଓ ଏହାର ପ୍ରକାଶକ ଗିରିଶ ମିଶ୍ର ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର। ପହିଲି ପୁଲକସ୍ଥ 'ପ୍ରହରୀ'ରେ ସ୍ଥାନିତ 'ନବମଶ୍ରେଣୀ ଝିଅ' ବିପକ୍ଷରେ କଟାକ୍ଷପାତ କରିଥିବା ପ୍ରିୟବ୍ରତ ପାତ୍ର ମା'ଙ୍କ ପ୍ରେରଣାରେ ଲେଖିବା ପାଇଁ ଉଦ୍ଦୀପିତ ହୋଇଥିବା ଖୁସିର ବିଷୟ। 'ଅବଲୋକନ'ରେ ପ୍ରମୋଦ କୁମାର ମହାନ୍ତି– ଓଡ଼ିଶାର ବରିଷ୍ଠ କବି ରମାକାନ୍ତଙ୍କ ନିମନ୍ତେ ଯେଉଁ ଆଲେଖ୍ୟ 'ନବଗୁଞ୍ଜର' ଓ 'ଜହ୍ନରାତି'କୁ କମାବିହୀନ ଚେତନା ପ୍ରବାହଧାରାର ଆଦ୍ୟ ସୃଷ୍ଟି ବୋଲି ଲେଖିଛନ୍ତି। ଏପରି ଧାରାରେ ବି ସତ୍ୟ ରାୟଙ୍କ ପରି ଲେଖକ ଲେଖନ୍ତି। ସେ ଅନେକ ଇଂଲିଶ ଓ ରୁଷ କବିଙ୍କ ଦୃଷ୍ଟାନ୍ତ ଉପସ୍ଥାପନ କରି ସ୍ୱଲେଖାକୁ ଏକ ଗବେଷଣାଧର୍ମୀ ପ୍ରବନ୍ଧରେ ପରିଣତ କରିପାରିଛନ୍ତି। 'ସ୍ମରଣୀୟ'ରେ ଜୟନ୍ତୀ ରଥଙ୍କ 'ସନ୍ତକ' ଗଳ୍ପରେ ମା' ବଡ଼ଝିଅ ହୋଇ ଯାଇଥିବା 'ସୋମା'ର ଛୋଟ ଫ୍ରକ୍‌ଟି ଭାଦ୍ରବ ମାସ ଖରାରେ ଶୁଖାଇ ଡଉଲଡାଉଲ ଝିଅର ମୁହଁଟିକୁ ମନେପକାନ୍ତି। ପ୍ଲଟ୍‌ଟି ବେଶ୍ ପଠନ ଉପଯୋଗୀ ହୋଇପାରିଛି। ଯାହାକୁ ଏକାଧିକ ଥର ପଢ଼ିବାକୁ ମନ ଡାକେ। ମୂଳ ତାମିଲ ରଚନାକୁ ଶରତ କୁମାର ରାଉତ 'ଆତ୍ମଗୋପନ' ନାମରେ ରୂପାନ୍ତର କରଛନ୍ତି। 'ଏମ୍. ହିମାଂଶୁ ଆଚାରୀଙ୍କ 'ମହାଦଶା' ଗଳ୍ପର 'ମାନସୀ' ବୁଧବାର ଘାତବାରକୁ ଡରି ଆଷ୍ଟ୍ରୋଲୋଜିଷ୍ଟଙ୍କ ପାଖକୁ ସୁଶାନ୍ତଙ୍କ ସହ ଯାଇ ନିଜର କଅଁଳ ପଦ୍ମଫୁଲିଆ ପାପୁଲି ଦେଖାଇ ନୂଆ ଅନୁଭୂତି 'ପ୍ରେମରେଖା' ଧରି ଫେରିଲେ ଝାଳନାଳ ହୋଇ କେବଳ। ଲଘୁ ଗଳ୍ପ 'ଭୋକ'ରେ ରାଜଲକ୍ଷ୍ମୀ ରାଉତ କୁକୁର ଛୁଆକୁ ଦେଇଥିବା ରୁଟିଖଣ୍ଡ କାଉ ପେଟକୁ ଯାଇଥିବା ଓ ଛୁଆଟି ମାତ୍ର ଗୋଟିଏ ଖଣ୍ଡରେ 'ଭୋକ' ମେଣ୍ଟାଉଥିବା ଦୃଶ୍ୟ ଉପସ୍ଥାପିତ କରିଛନ୍ତି। କବିତା– ନାଲିଗାମୁଛା, ଢେଉ, ତମ ସହ ତଥା ପ୍ରବାସିନୀ ମହାକୁଡ଼ଙ୍କ ଚାରିଟି କବିତାରୁ ଉତ୍ସର୍ଗପତ୍ରର ତୁଳନା ନାହିଁ। ମାତ୍ର ସୁଧୀର କୁମାର ଦାସଙ୍କ ଗୀତିକବିତା 'ମଣିଷ ବୁଝେନି କିଆଁ' ଶେଷ ଦୁଇପଦ ବଙ୍ଗଳାଶ୍ରୀ ବୃତ୍ତ ହୋଇନାହିଁ। ପୁସ୍ତକ ପରିଚୟରେ ସ୍ଥାନ ପାଇଥିବା ଏପର୍ଯ୍ୟନ୍ତ– ଈପ୍‌ସିତା, ଲୋକସଂସ୍କୃତି, ଅଭୁଲାବ୍ୟକ୍ତିତ୍ୱ, ବହୁଭାଷୀ ଶବ୍ଦକୋଷ, ମନପ୍ରଜାପତି ଉଡ଼େ ପ୍ରୀତି ଫୁଲେର ମୂଲ୍ୟ ସର୍ବାଧିକ ପାଞ୍ଚଶହ ଅନେଶ୍ୱତରୁ ନିଃଶୁଳ୍କ ଯାଏ ରହିଛି। ସାହିତ୍ୟାୟନ ପ୍ରତି ସପ୍ତାହରେ ପ୍ରକାଶ କଲେ କିପରି ହୁଅନ୍ତା ?

–ପ୍ରତାପ ଚନ୍ଦ୍ର ପାଢ଼ୀ (ଶିକ୍ଷାବିତ୍), ହେମଲତା ପବ୍ଲିକ୍ ସ୍କୁଲ,
ଗୋବିନ୍ଦନଗର, ଗୋଳନ୍ଥରା, ଗଞ୍ଜାମ

ସାହିତ୍ୟାୟନ

ଲେଖା ପଠାଇବାର ଠିକଣା

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଦୁଇ ଭିନ୍ନଭାଷୀ ଲେଖକ: ଦୁଇ ଅଭୁଲା ଗପ

## (ଓସ୍କାର ୱାଇଲଡ ଓ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଗଳ୍ପର ଏକ ତୁଳନା)

**ଅବଲୋକନ**

**ଡ. ମଣୀନ୍ଦ୍ର କୁମାର ମେହେର**


ଓସ୍କାର ୱାଇଲ୍‌ଡ ହେଉଛଂତି ପୃଥିବୀ ପ୍ରସିଦ୍ଧ ଜଣେ ଶ୍ରେଷ୍ଠ ଗାଳ୍ପିକ। ଆୟର୍ଲାଣ୍ଡର ଡବ୍ଲିନ୍ ସହର ତାଂକର ଜନ୍ମସ୍ଥାନ। ଇଂରାଜୀ ଭାଷାରେ ସେ ଯେଉଁ ଗଳ୍ପ ସୃଷ୍ଟି କରିଛଂତି, ତାହା ସଂପ୍ରତି କାଳଜୟୀ କୃତି ଭାବରେ ଦରଦୀ ପାଠକଂକ ଆତ୍ମାକୁ ବିଗଳିତ କରିଦେବାରେ ଏକାଂତ ସକ୍ଷମ। ତାଂକର ସବୁଠୁଁ ପ୍ରସିଦ୍ଧ ଗଳ୍ପ ହେଉଛି, 'ଦି ନାଇଟିଂଗେଲ୍ ଏଣ୍ଡ୍ ଦି ରୋଜ୍'। ଏ ଗଳ୍ପ ପୃଥିବୀର ବିଭିନ୍ନ ଭାଷାରେ ରୂପାଂତରିତ ହୋଇ ଯେଉଁ ଆଦୃତି ଲାଭକରିଛି, ତାହା ନିଶ୍ଚିତ ଭାବେ ବିସ୍ମୟକର। ଗଳ୍ପଟି ଓଡ଼ିଆ ଭାଷାରେ ମଧ୍ୟ ଅନୂଦିତ।

ଏ ପୃଥିବୀକୁ ମଣିଷ ଅବତରଣ କରିଛି ସୁଖ ଭୋଗ ପାଇଁ ନୁହେଁ, ଅନ୍ୟ ପାଇଁ ଆପଣାର ଜୀବନକୁ ଉତ୍ସର୍ଗ କରିବା ସକାଶେ। ମାନବ ଜୀବନର ଏହି ମୂଳ ଉଦ୍ଦେଶ୍ୟଟିକୁ ଯେଉଁମାନେ ହୃଦୟଂଗମ କରିପାରିଛଂତି, ସେମାନେ ନିଶ୍ଚିତ ଭାବେ ଏକଏକ ଆଲୋକିତ ଆତ୍ମା। ଓସ୍କାର ୱାଇଲ୍‌ଡ ସେ ଦୃଷ୍ଟିରୁ ହେଉଛଂତି ଏଭଳି ଏକ କୋମଳ ସହାନୁଭୂତିଶୀଳ ଦରଦୀ ଆତ୍ମାର ଅଧିକାରୀ, ଯିଏ ତାଂକ ଗଳ୍ପରଚନା ମାଧ୍ୟମରେ ଜୀବନର ଆଭିମୁଖ୍ୟକୁ ଦେଇଛଂତି ସଫଳ ରୂପ। ମଣିଷ ହେଉ, ପଶୁ ହେଉ ବା ପକ୍ଷୀ ହେଉ, ପ୍ରତ୍ୟେକଂକ ଜନ୍ମ ଓ ଜୀବନ ସେତିକିବେଳେ ଜ୍ୟୋତିର୍ମୟ ହୋଇଉଠେ; ଯେତେବେଳେ ଅତ୍ୟଂତ ନିଃସ୍ୱାର୍ଥପର ଭାବେ ସେ ଅନ୍ୟ ପାଇଁ ପ୍ରାଣ ବିସର୍ଜନ କରିଦେଇ ପାରଂତି। ଓସ୍କାର ୱାଇଲ୍‌ଡଂକ ନାଇଟିଂଗେଲ୍ ବା ବୁଲ୍‌ବୁଲ୍ ପକ୍ଷୀ ହେଉଛି ସେଭଳି ପବିତ୍ର ଆତ୍ମୋତ୍ସର୍ଗର ଏକ ହୃଦୟସ୍ପର୍ଶୀ ପ୍ରତୀକ।

ଏଇ ବୁଲ୍‌ବୁଲ୍ ପକ୍ଷୀଟି ତା' ଜୀବନରେ କ'ଣ କରିଛି ? ଜଣେ ପ୍ରେମିକ ଶୀତ ଋତୁରେ ତା' ପ୍ରେମିକା ପାଇଁ ଲାଲ ଗୋଲାପ ଫୁଲଟିଏ ଯେତେବେଳେ ଅନ୍ୱେଷଣ କରୁଛି ଉଦ୍ୟାନ ମଧ୍ୟରେ, ସେତିକିବେଳେ ତା'ର ଅଂତର୍ବେଦନାକୁ ପ୍ରତ୍ୟକ୍ଷ କରିଛି ବୁଲ୍‌ବୁଲ୍ ପକ୍ଷୀ। ଶୀତ ରାତିର ଅକଳ୍ପନୀୟ ଶୀତଳତା ଭିତରେ ଗୋଲାପର ପ୍ରସ୍ଫୁଟନ ଅସଂଭବ, ମାତ୍ର ବୁଲ୍‌ବୁଲ୍ ପକ୍ଷୀଟି ଏହି ପ୍ରେମିକ ତରୁଣ ପାଇଁ ପ୍ରତିଟି ଗୋଲାପ ଗଛକୁ ବିନମ୍ର ନିବେଦନ କରିଛି ସୁଂଦର ଲାଲ ଗୋଲାପଟିଏ ଦେବାପାଇଁ। ମାତ୍ର ଯେତେବେଳେ ପରିବେଶ ବରଫାବୃତ, ଶୀତାର୍ତ୍ତ ରଜନୀରେ ଯେତେବେଳେ ଗୋଲାପ ଗଛର ପତ୍ରସବୁ ଶିଥିଳ, ଡାଳସବୁ ରସହୀନ, ସେତିକିବେଳେ ଗୋଲାପ ଫୁଟିବ ବା କିପରି ? ତଥାପି ଏହି ଜଡ଼ତା ଭିତରେ ଗୋଟିଏ ଗୋଲାପ ଗଛ ସମ୍ମତି ପ୍ରଦାନ କରିଛି ଫୁଲ ଫୁଟାଇବାକୁ। ସେଥିପାଇଁ ବୁଲ୍‌ବୁଲ୍ ପକ୍ଷୀ ସମ୍ମୁଖରେ ସେ ଉପସ୍ଥାପନ କରିଛି ତା'ର ସର୍ତ୍ତ ଓ ଅସହାୟତା।



ଓସ୍କାର ୱାଇଲ୍‌ଡ



କାଳିନ୍ଦୀଚରଣ ପାଣିଗ୍ରାହୀ

କହିଛି ସେ, ଯଦି ବୁଲ୍‌ବୁଲ୍ ପକ୍ଷୀଟି ସାରାରାତି ଶୀତର ପ୍ରକୋପରେ କଂପିତ ହୋଇ ସୁଦ୍ଧା ଗୋଲାପ ଗଛର କଂଟାରେ ନିଜ ଶରୀର ଓ ହୃଦୟକୁ ବିଦ୍ଧ କରିପାରିବ, ତା'ହେଲେ ଗଛର ପ୍ରତିଟି ଶାଖାପ୍ରଶାଖାରେ ପ୍ରବାହିତ ହେବ ଉଷ୍ମ ରକ୍ତର ଲୋହିତ ଧାରା ଏବଂ ପରିଣତିରେ ସଂଭବ ହେବ ଗୋଲାପର ପ୍ରସ୍ଫୁଟନ। ନିଜକୁ ଗୋଲାପ ଗଛ କଂଟାରେ ଫୋଡ଼ିବାବେଳେ ବୁଲ୍‌ବୁଲ୍ ପକ୍ଷୀଟି କିନ୍ତୁ ଆର୍ତ୍ତ ସ୍ୱରରେ ଚିତ୍କାର କରିବ ନାହିଁ। ତା' ପରିବର୍ତ୍ତେ ସେ ତା' ଜୀବନର ଶ୍ରେଷ୍ଠ ସଂଗୀତ ସୁମିଷ୍ଟ ସ୍ୱରରେ ଗାନ କରିବ। ସାଧାରଣ ଟିକି ବୁଲ୍‌ବୁଲ୍ ପକ୍ଷୀ ପାଇଁ ଏତେ ବଡ଼ ଆହ୍ୱାନ! ସେ କ'ଣ ଏକଥା କରିପାରିବ, ସଂଭବ ? ତେବେ ସେ ନିଜ ଉପରକୁ ସବୁତକ ବିପଦକୁ ନେଇ ପ୍ରେମିକ ମଣିଷଟି ପାଇଁ ପ୍ରାଣୋତ୍ସର୍ଗ କରିବାର ଶପଥ ନେଇଛି। ସାରାରାତି ନିଜକୁ ଗୋଲାପ ଗଛ କଂଟାରେ ବିଦ୍ଧ କରିଛି। ଧାରଧାର ଲାଲ ରକ୍ତ ବହି ଯାଇଛି ତା' ଶରୀରରୁ। ଆଉ ତାହା ଗୋଲାପ ଗଛର ପ୍ରତିଟି ଡାଳ ଓ ପତ୍ରରେ ଭରି ଦେଇଛି ନବ ଜୀବନର ଉଦ୍ଦୀପନା ଓ ଉଷ୍ମତା। ଗୋଲାପ ଗଛର ଅନୁରୋଧ ଭୁଲି ନ ଯାଇ ସେ ପୁଣି ଗାନ କରିଛି ତା' ଜୀବନର ଶ୍ରେଷ୍ଠ ମଧୁସିକ୍ତ ସଂଗୀତ। ଯାହାର ମର୍ମ ହେଉଛି 'ଜୀବନର ଜୟ ଓ ମୃତ୍ୟୁର ପରାଜୟ'। ମୃତ୍ୟୁମୁଖୀ ହୋଇ ମୃତ୍ୟୁକୁ ସେ ପରାଜିତ କରିପାରିଛି ତା'ର ଅସାଧାରଣ ଆତ୍ମୋତ୍ସର୍ଗରେ।

ସକାଳ ପାହିଲା ବେଳକୁ ଯେତେବେଳେ ଫୁଟିଉଠିଛି ଲାଲ ଗୋଲାପର ସ୍ନିଗ୍ଧ ପାଖୁଡ଼ା, ସେତେବେଳେ ପକ୍ଷୀଟି ପ୍ରାଣହୀନ ହୋଇ ଢଳି ପଡ଼ିଛି ଭୂଇଁରେ। ଓସ୍କାର ୱାଇଲ୍‌ଡଂକ ଏ ଗଳ୍ପ ବିଶ୍ୱ କଥା ସାହିତ୍ୟରେ ଯେଉଁ ଆଲୋଡ଼ନ ସୃଷ୍ଟି କରିଛି, ତାହା ପ୍ରକୃତରେ ଅନବଦ୍ୟ। ଆମେ ଜାଣିବା ସଂଭବ ନୁହେଁ, ଏ ଗଳ୍ପଟିକୁ ଓଡ଼ିଶାର ମହାନ୍ ଗାଳ୍ପିକ କାଳିନ୍ଦୀଚରଣ ପାଣିଗ୍ରାହୀ ପାଠ କରିଥିଲେ କି ନାହିଁ। ମାତ୍ର ଜଣେ ସଂବେଦନଶୀଳ ଗଳ୍ପସ୍ରଷ୍ଟା ଭାବେ ସେ ଉପଲବ୍ଧି କରିଥିଲେ ଯେ, ଯେଉଁ ଜୀବନ ଭଗବାନଂକର ଦାନ, ସେହି ଜୀବନକୁ ତାଂକରି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଲେ ମନୁଷ୍ୟ ଜୀବନ ସାର୍ଥକ ହୁଏ। କାଳିନ୍ଦୀଚରଣ ପାଣିଗ୍ରାହୀ ବହୁ ଗଳ୍ପର ସଫଳ ସ୍ରଷ୍ଟା। ତେବେ ତାଂକର ଯେଉଁ କେତୋଟି ଗଳ୍ପ ପାଠକଙ୍କ ହୃଦୟରେ ଗଭୀର ରେଖାପାତ କରେ, ତନ୍ମଧ୍ୟରେ ଅନ୍ତର୍ଭୁକ୍ତ 'ପଙ୍ଗୁ'।

'ପଙ୍ଗୁ' ଗଳ୍ପରେ 'ପଙ୍ଗୁ' ହେଉଛି ନାୟକ। ତା'ର ମୁଖମଂଡଳ ଓ ଶରୀରର ବିକୃତିକୁ ବଡ଼ ଜୀବଂତ ଭାବେ ଫୁଟାଇଛଂତି କାଳିନ୍ଦୀଚରଣ। ପଙ୍ଗୁର ଆଖି ଡୋଳାଟିକୁ ଠିକ୍ ଓଲଟାଇ କିଏ ଯେମିତି ରଖି ଦେଇଛି। ଦୁଇ ଆଖି ସାହାଯ୍ୟରେ ଏକ ଚତୁର୍ଥାଂଶ ମାତ୍ର ଦେଖିବା ପାଇଁ ସେ ସକ୍ଷମ। ତା' ଉପର ଓଠ ଦୁଇ ଭାଗରେ ବିଭକ୍ତ ହୋଇ ନାସିକା ମୂଳରେ ସଂଲଗ୍ନ। ଦାଂତ ଦୁଇଟି ଗୋଟାପଣେ ବାହାରକୁ ଦେଖାଗଲାବେଳେ ମନେହୁଏ ସେ ଯେମିତି ଅନୁକ୍ଷଣ ହାସ୍ୟରତ। ତାହାର ଗୋଟାଏ ପାଖ କଟି ଉଚ୍ଚ ଓ ଆର ପାଖଟି ନୀଚ। ହାତ ଦୁଇଟି ସରୁସରୁ ଓ ବଂକା। ପିଠିରେ କୁଜ। ଏପରି ବିକୃତ ଦର୍ଶନ ମଣିଷଟିକୁ କିଏ ବା ଭଲ ପାଇପାରେ! କେତେବେଳେ କ୍ରୋଧ, କେତେବେଳେ ଘୃଣା, କେତେବେଳେ ତୀବ୍ର ବିଦ୍ରୂପର ଶିକାର ହୋଇ ଲଜ୍ଜା ଓ ଅପମାନରେ ସେ ମଉଳିଯାଏ। ସତେଯେମିତି ବିଶ୍ୱକର୍ମାଂକ କାରଖାନା ଘରର ଭଂଗା ଦଦରା ବଂକା କଳଂକିଲଗା ଯାହା କିଛି ଫିଂଗି ଦେବାର ଯୋଗ୍ୟ, ତାକୁ ନେଇ ଏଇ ମନୁଷ୍ୟ ମୂର୍ତ୍ତିଟି ଗଢ଼ା। ଖନା, ଛୋଟା, କୁଜା, ଅଂଧ, ଗ୍ରହଣଖଂଡିଆ ଆଉ କାଲ କ'ଣ ବା ତାକୁ କହାଯାଇ ନ ପାରେ ? ଯେଉଁମାନେ ଅନୁଭବୀ, ସେମାନେ ଜାଣଂତି ଯେଉଁ ମନୁଷ୍ୟର ଗାଠନିକ ସୌଂଦର୍ଯ୍ୟ ଆକର୍ଷଣୀୟ, ସେମାନେ ହୁଏତ ପ୍ରାଣଶୂନ୍ୟ। ଅପରପକ୍ଷରେ ଯେଉଁମାନେ ଅସୁଂଦର ଓ ଖଂଡିତ ରୂପର ଅଧିକାରୀ, ସେମାନଙ୍କ ହୃଦୟ ପ୍ରାଣପ୍ରାଚୁର୍ଯ୍ୟରେ ଭରା।

କାଳିନ୍ଦୀଚରଣଂକ 'ପଙ୍ଗୁ' ଗଳ୍ପ ଅଧ୍ୟୟନ କରିବା କାଳରେ ସେହି ସୂକ୍ଷ୍ମଦର୍ଶନ ପାଠକ ପ୍ରାଣକୁ ଉଦ୍‌ବେଳିତ କରିପକାଏ। ଏଭଳି ମଣିଷମାନେ ଆତ୍ମୀୟ ସ୍ୱଜନଂକଠାରୁ ଯେତେବେଳେ ସ୍ନେହ ଶ୍ରଦ୍ଧା ପାଆଂତି ନାହିଁ, ସେତେବେଳେ ପଶୁପକ୍ଷୀଂକ ସହିତ ତାଂକର ଆତ୍ମୀୟତା ଗଢ଼ିଉଠେ ସ୍ୱତଃସ୍ଫୂର୍ତ୍ତ ଭାବେ। ପଙ୍ଗୁ କ୍ଷେତ୍ରରେ ତାହାହିଁ ଘଟିଛି। କଣା କୁତୀ, ଛୋଟ ବିରାଡ଼ି– ଏହିଭଳି ଜୀବସତ୍ତା ସହ ତା'ର ସଂପର୍କ ହୋଇଯାଇଛି ନିବିଡ଼। ପରିବାର ଭିତରେ ଜଣେ କେବଳ ଏହି ପଙ୍ଗୁ ମଣିଷଟିର ଅଂତର୍ବେଦନାକୁ ବଝିପାରେ, ସେ ହେଉଛି ତା'ର ସାନ ଭାଉଜ। ସମଗ୍ର ମନୁଷ୍ୟ ସମାଜରେ ସେହି ଏକମାତ୍ର ପଙ୍ଗୁର ସାଥୀ। ସେ ବି ପରିବାର ଭିତରେ ଅବହେଳିତା ନାରୀଟିଏ। ଅତ୍ୟାଚାରିତା ଏହି ସାନ ଭାଉଜ ସହିତ ନିରୀହ ପଙ୍ଗୁର ସୌହାର୍ଦ୍ଦ୍ୟ ପ୍ରତିଷ୍ଠିତ ହେବା ସ୍ୱାଭାବିକ। ଏହିଭଳି ଏକ ପଙ୍ଗୁ ମଣିଷର ଜୀବନର ମହନୀୟତାକୁ କାଳିନ୍ଦୀଚରଣ ଅତ୍ୟନ୍ତ ସରଳ, ଅଥଚ ହୃଦୟଗ୍ରାହୀ ଭାଷାରେ ବର୍ଣ୍ଣନା କରିଛନ୍ତି।

ଏଭଳି ଏକ ଦୁର୍ଭାଗ୍ୟ ତା' ଜୀବନରେ ଉପଗତ ହୋଇଛି, ଯାହା ତାକୁ ଘରୁ ବାହାରି ଯିବାକୁ ବାଧ୍ୟ କରିଛି। ତା' ସହିତ ସାନ ବୋହୂ ମଧ୍ୟ ଅନ୍ତର୍ଦ୍ଧାନ ହୋଇଛି ପରିବାରରୁ। ପଙ୍ଗୁ, ସାନବୋହୂ, ବିରାଡ଼ି, କୁକୁର– ଏହିମାନେ ହିଁ ସତେଯେମିତି ହୋଇଯାଇଛନ୍ତି ଗୋଟିଏ ପରିବାରର ସଦସ୍ୟ। ଏହି ସାନବୋହୂ ପାଇଁ ପଙ୍ଗୁକୁ ଘରକୁ ଆଣିବାକୁ ପଡ଼ିଛି। ମାତ୍ର ପଙ୍ଗୁର କୁକୁର ବିରାଡ଼ିଙ୍କ ପ୍ରତି ସହାନୁଭୂତି ହୋଇଛି ଆହୁରି ତୀବ୍ର। ସ୍ରଷ୍ଟା କାଳିନ୍ଦୀଚରଣ ଏହି ଗଳ୍ପଟିରେ ସ୍ପଷ୍ଟ ଭାବେ ଜଣାଇ ଦେଇଛନ୍ତି ଯେ, ଘରଭିତରେ ସ୍ନେହ ଶ୍ରଦ୍ଧା ପାଉ ନ ଥିବା ପଙ୍ଗୁ ବାହାର ଜଗତ ସହିତ ଘନିଷ୍ଠ ହୋଇଯାଇଛି। ଗଳ୍ପର ପରିଣତିରେ ଗାଳ୍ପିକ ପ୍ରଦର୍ଶନ କରିଛନ୍ତି ତା' ସହାନୁଭୂତିର ଗଭୀରତା କେତେ ଅକଳନୀୟ। ଆମ୍ବଗଛ ତଳେ ଗୋଟିଏ ପୋଖରୀ ଭରିଯାଇ ପାଣି ସୁଅ ପ୍ରବାହିତ ହେଉଛି। ତାହାରି ତଳେ ଗୁଡ଼ାଏ କାଉ ଗୋଟାଏ କ'ଣ ଚିଜକୁ ବେଢ଼ିଯାଇଛନ୍ତି। ପଙ୍ଗୁ ନିରୀକ୍ଷଣ କରି ଦେଖିଛି ସେ ଏକ ବଣି ଛୁଆ। ପାଣି ସ୍ରୋତରେ ଭାସିଯାଉଛି। କାଉଗୁଡ଼ାକ ତା' ପରଗୁଡ଼ିକ ଉପାଡ଼ି ପକାଉଛନ୍ତି।

ପଙ୍ଗୁର ତ ବିଚାରଶକ୍ତି ନାହିଁ। ସେ ବିଚାର କରି କୌଣସି କାର୍ଯ୍ୟ କରେନା। ବଣି ଚଢ଼େଇର ଦୁର୍ଦ୍ଦଶା ଦେଖି ସେ ଡେଇଁ ପଡ଼ିଛି ପାଣିକୁ, ରକ୍ଷା କରିବା ପାଇଁ ସେଇ ଛୋଟ ବଣିଟିକୁ। ସେ ପହଁରି ଶିଖିନାହିଁ। ପକ୍ଷୀଟିକୁ ଉଦ୍ଧାର କରିବା ଏପରି ପଙ୍ଗୁ ଲୋକଟି ପକ୍ଷରେ କ'ଣ ସମ୍ଭବ ? ଯେତେବେଳେ ପକ୍ଷୀଟିକୁ ଧରିବାକୁ ସେ ହାତ ବଢ଼ାଇଛି, ସେତେବେଳେ ତା'ର ପଦ ସ୍ଖଳିତ ହୋଇ ଅତଳ ଜଳ ଗର୍ଭରେ ସେ ବିଲୀନ ହୋଇଯାଇଛି। ଯେତେବେଳେ ଜଳ ମଧ୍ୟରୁ ତା'ର ମୃତଦେହକୁ ଉଦ୍ଧାର କରାଗଲା, ସେତେବେଳେ ଦେଖାଗଲା ତା' ହାତରେ ମୃତ ବଣି ଚଢ଼େଇଟିଏ ଏବଂ ତା' ସାଥିରେ ତା'ର ଅତି ପ୍ରିୟ କୁକୁରଟି ମୃତାବସ୍ଥାରେ ରହିଛନ୍ତି। ଏଭଳି ପଙ୍ଗୁ ବ୍ୟକ୍ତିର ଜୀବନାବସାନରେ ମଣିଷ ସମାଜର କ'ଣ ବା କ୍ଷତିହୁଏ ? କିନ୍ତୁ ତା' ସାନ ଭାଉଜ ବିରାଡ଼ିଟିକୁ କୋଳରେ ଧରି ତପ୍ତ ଅଶ୍ରୁବାରି ବିସର୍ଜନ କରୁଥିଲା ନୀରବରେ ଓ ଏକାନ୍ତରେ।

ଗୋଟିଏ ଗଳ୍ପରେ ଆମେ ଦେଖିବାକୁ ପାଇଲେ ଯେ, ଛୋଟ ବୁଲ୍‌ବୁଲ୍ ଚଢ଼େଇଟିଏ ମଣିଷର ଆକାଙ୍କ୍ଷା ପୂରଣ ପାଇଁ ଆପଣାର ସୁକୁମାର ନିଟୋଳ ଜୀବନକୁ ଉତ୍ସର୍ଗ କରିଦେଇଛି ଗୋଲାପ କଣ୍ଟାରେ ଫୋଡ଼ିହୋଇ। ଆଉ ଗୋଟିଏ ଗଳ୍ପରେ ଦେଖିବାକୁ ମିଳିଲା ଯେ ଗୋଟାଏ ପଙ୍ଗୁ ମଣିଷ ଟିକି ବଣି ଚଢ଼େଇଟିଏ ପାଇଁ ନିଜ ଜୀବନକୁ ବାଜି ଲଗେଇ ଦେଇଛି। ନାଇଟିଂଗେଲ୍ ପକ୍ଷୀଟିର ହୃଦୟ ଭିତରେ ଯେଉଁ ଗଭୀର ସଂବେଦନା ଭରି ରହିଥିଲା, ଏହି ପଙ୍ଗୁ ବ୍ୟକ୍ତିଟିର ହୃଦୟ ଭିତରେ ସେହି ଦୁର୍ଲଭ ଆବେଗ ହିଁ ସଞ୍ଚରିତ। ଗୋଟିଏ ଗଳ୍ପରେ ପକ୍ଷୀଟିଏ ମଣିଷ ପାଇଁ ନିଜକୁ ତିଳତିଳ କରି ନିଃଶେଷ କରି ଦେଇଛି। ଆଉ ଗୋଟିଏ ଗଳ୍ପରେ ଟିକି ବଣି ଚଢ଼େଇଟି ପାଇଁ ମଣିଷ ପିଲାଟିଏ ନିର୍ବିଚାର ଭାବରେ ନିଜକୁ ଭସାଇ ଦେଇଛି ଗଭୀର ଜଳସ୍ରୋତରେ। ବୁଲ୍‌ବୁଲ୍ ପକ୍ଷୀ ଆଉ ଏହି ପଙ୍ଗୁ ପିଲାଟିର ଅନ୍ତଃସ୍ପଂଦନରେ କିଛି ପାର୍ଥକ୍ୟ ନାହିଁ। ଏଭଳି ଚରିତ୍ରମାନେ କେବଳ ଗୋଟିଏ କଥା ହିଁ ଶିଖିଥାନ୍ତି, ତାହା ହେଲା– ନିର୍ବିଚାର ଭାବେ ନିଜ ଜୀବନକୁ ତୁଚ୍ଛ ଜ୍ଞାନ କରି ଅପରର କଲ୍ୟାଣ ପାଇଁ ଆପଣାକୁ ଉତ୍ସର୍ଗ କରିଦେବା।

ଯେଉଁମାନେ ବିଚାରବଂତ ମଣିଷ, ଯେଉଁମାନେ କାହାର ଉପକାର କରିବେ କି ନାହିଁ ସେ ସଂପର୍କରେ ଭାବିବା ପାଇଁ ସମୟ ନିଅନ୍ତି ଓ ନିଜର ମହାମୂଲ୍ୟ ଜୀବନର ଝାଳବୁନ୍ଦାଟିଏ ଦେବାବେଳେ ମଧ୍ୟ ଆତ୍ମଦ୍ୱିଧାରେ ଘାରି ହୁଅନ୍ତି, ସେମାନେ କେବେହେଲେ ଏହିଭଳି ତ୍ୟାଗପୂତ ଜୀବନର ଅଧିକାରୀ ହୋଇପାରଂତି ନାହିଁ। କୌଣସି ପ୍ରକାର ବିଚାର ନ କରି ଯେକୌଣସି ମୁହୂର୍ତ୍ତରେ ଯିଏ ନିଜକୁ ନିକ୍ଷେପ କରିପାରେ ବିପଦ ମଧ୍ୟକୁ ଅନ୍ୟର ଜୀବନ ରକ୍ଷା ପାଇଁ, ସେହି ପ୍ରାଣସତ୍ତାର ମହତ୍ତ୍ୱ ହିଁ ବନ୍ଦନୀୟ– ଏକଥା ଉଭୟ ଗାଳ୍ପିକ ଅତ୍ୟନ୍ତ ପ୍ରଭାବଶାଳୀ ଢଂଗରେ ପ୍ରତିପାଦନ କରିଛନ୍ତି ଆଲୋଚ୍ୟ ଗଳ୍ପ ଦୁଇଟିରେ।

*– ପ୍ରାଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର–୪*

ବିଶେଷ ଗଳ୍ପ

# ମାସ ଫେବୃଆରୀ ସନ ଉଣେଇଶ୍

ପ୍ରଦୀପ ନାୟକ

## ୧୪ ଫେବୃଆରୀ

ହ୍ୟାଲୋ... ହ୍ୟାଲୋ... ଓ। କାଲିଠୁଁ କେତେ ଟ୍ରାଇ କଲିଣି ସାଂଗ, ଟିକେ ଫୋନ୍ ଉଠେଇବାକୁ ନାହୁଁ! କ'ଣ ହେଇଚି କି ତୋର ? ତୋ' ସାଂଗକୁ ପର କରିଦେଲୁ କି ? ହ୍ୟାଲୋ... ଇଏ କ'ଣ ତୁ କାନ୍ଦୁଚୁ ସାଂଗ !! କ'ଣ ହେଇଚି ମୋ' ସାଂଗର ? ଆରେ କିଛି କହୁନୁ ଯେ ! ପଦେ ତ କିଛି କହ। ଦେଖ୍ ତୋ' କାନ୍ଦିବା ଶୁଣି ମୁଁ ନିଜକୁ ସମ୍ଭାଳି ପାରୁନିରେ, ମୋ' ଛାତି ଭିତରଟା କ'ଣ ହେଇଯାଉଚି। ତଥାପି ମୋତେ କହ ତ ଥରେ, କ'ଣ ହେଇଚି ?

ହ୍ୟାଲୋ... କ'ଣ ଏତେ ହୋ'ହଲ୍ଲା ଶୁଭୁଚି ? ଇଏ କି ସ୍ଲୋଗାନ୍ ଶୁଭୁଚି... ଶହୀଦ ବୀର ଅମର ରହେ। ଶହୀଦ ଯବାନ... ସଲାମ୍... ସଲାମ୍। ଭାରତ ମାତା କି... ଜୟ। ଇଏ ସବୁ କ'ଣ କିରେ ? କିଏ ସବୁ ଏମିତି ପାଟି କରୁଛନ୍ତି ? ଆଚ୍ଛା... ମୋତେ କିଛି କହିବୁନି–ନା। ମୁଁ ପରଦେଶୀ ସାଂଗ ବୋଲି...

: ତୁ ତ ସବୁ ଶୁଣୁଚୁ ସାଂଗ। ଆଉ ଅଧିକ କ'ଣ କହିବି। ମୋ' ସିନ୍ଦୂର ଲିଭିଗଲା ଲୋ। ଗତକାଲି ପୁଲ୍‌ୱାମାରେ ତମ ଦେଶର ଆତଙ୍କୀମାନଙ୍କ ବିସ୍ଫୋରଣରେ ମୋ' ସୁଖର ଦୀପ ସବୁଦିନ ପାଇଁ ଲିଭିଗଲା। ତୁ ଫୋନ୍ ରଖ, ତାଙ୍କ ଶବ ଆସୁଚି।

: ହାଏ ଆଲ୍ଲା ! ମୁଁ ଜାଣି ନ ଥିଲିରେ ସାଂଗ। ମତେ ମାଫ୍ କରିଦେ। ମୁଁ ଦୁଃଖୀ। ବହୁତ ବହୁତ ଦୁଃଖୀରେ ସାଂଗ। ତୁ ତ ଜାଣୁ ଏଠି ଆମର ଅଧେଦିନ ବିଜୁଳି ନ ଥାଏ। ଏଠି ସରକାରଙ୍କ ଇଚ୍ଛାରେ ଟିଭି ଚାଲେ। ଅଧେଦିନ କେବୁଲ କାଟି ଦିଆଯାଏ। ଏଇତ ଫୋନ୍ ଟିକେ ଚାର୍ଜ କରିବାକୁ ସମୟେ ସମୟେ ଗୋଟେ କିଲୋମିଟର ଦୂର ବଜାରକୁ ଯିବାକୁ ପଡ଼େ। ଚିହ୍ନା ରାଶନ ଦୋକାନୀ ପାଖରୁ କେତେ ଲୁଚେଇ ଛପେଇ ଟିକେ ଚାର୍ଜ କରେ। କ'ଣ କରିବି କହ ସାଂଗ। ତୋର ଏମିତି ଦୁର୍ଦ୍ଦିନରେ ମୁଁ ସିର୍ଫ ଆସୁ ବୁହାଇ ପାରିବି। ଆଲ୍ଲା ତାଲାଙ୍କୁ ତୋ' ସୁଖ ପାଇଁ ଦୁଆଁ ମାଗି ପାରିବି।

: କି ଦୁଆଁ ମାଗିବୁ ସାଂଗ, ଯାହା ପାଇଁ ସ୍ତ୍ରୀଟିଏ ଦୁଆଁ ମାଗେ ସିଏ ତ..., ହଉ ମୋ' ଭାଗ୍ୟରେ ଯାହା ଅଛି ତାହା ହିଁ ଭୋଗିବାକୁ ପଡ଼ିବ। ହେଲେ ମୁଁ ତ ଗର୍ବ କରୁଚି ମୋ' ସ୍ୱାମୀ ଏ ଦେଶ ପାଇଁ ଜୀବନ ଦେଇଛନ୍ତି। ଛାଡ଼ ସେ କଥା, ତୁ ଭଲରେ ଅଛୁ ତ! ତୋ' ପୁଅ ଆଉ ତୋ' ସ୍ୱାମୀ ?

: ମୋ' କଥା କ'ଣ ତତେ ଅଜଣା ଅଛି। ପୁଅ ତ ପାଠ ପଢ଼ିବାକୁ ଚାହୁଁଛି, ହେଲେ ଇସ୍କୁଲ ଏଠୁ ବହୁତ ଦୂର। ତାକୁ କୌଣସି ପ୍ରକାର ଇସ୍କୁଲ ପଠାଇ ଦେଲା ପରେ ପୁଣି ତା' ଫେରିବା ଯାଏ ଚାହିଁ ରହିଥାଏ। ଦେହରେ ଜାନ୍ ନ ଥାଏ, ଆଉ ମୋ' ସ୍ୱାମୀ ତ ମୋ' ପାଇଁ ଅନଜାନ୍ ବାଦଶା। କୁଆଡ଼େ ଯାଆନ୍ତି, କି କାମ କରନ୍ତି, ତା' ଠିକଣା ମୋତେ ଭଲ୍‌ସେ ଜଣା ନ ଥାଏ। ମୋ' ହାତରେ ପଇସା ଧରେଇ ଦେଇ ତାଙ୍କ ରାସ୍ତାରେ ସିଏ।



## ୨୬ ଫେବୃଆରୀ

: ହ୍ୟାଲୋ... ହ୍ୟା... ଲୋ... ଓ... ଓ, ହ୍ୟା... କ'ଣ ହେଇଚି ମୋ' ସାଂଗ। ତୁ ନିଶ୍ଚେ ମୋ' ଉପରେ ରାଗିଥିବୁ, ତୁ ତ ମୋ' ଅବସ୍ଥା କଥା ଜାଣିଚୁ। ଯାଙ୍କର ଏକାଦଶାହ କର୍ମ। ବନ୍ଧୁବାନ୍ଧବ, ଏସବୁକୁ ନେଇ ଏତେ ବ୍ୟସ୍ତ ରହିଲି ଯେ ତତେ ଟେଲିଫୋନ୍ କରିପାରିଲିନି। ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସରକାର, ରାଇଜ ଲୋକଙ୍କ ଆହା, ଆହାରେ ମୋ' ସାରାଟା ସମୟ କୋଳାହଳମୟ। କ'ଣ କହିବିରେ, ତତେ ସୁଖ ବେଳେ ତ ଭୁଲିପାରିନି, ଦୁଃଖରେ ବା କେମିତି ଭୁଲିଯା'ନ୍ତି, ହେଲେ ତୁ ଜାଣିଥା ମୋ' ସ୍ୱାମୀଙ୍କୁ ନେଇ ମୁଁ ଆଉ ଦୁଃଖ କରୁନି। କାନ୍ଦୁନି। କାହିଁକି ଜାଣୁ ? ସେମିତି କଲେ ମୋ' ସ୍ୱାମୀଙ୍କ ଆତ୍ମା ପ୍ରତି ଅପମାନ ହେବ, ତାଙ୍କ ଦେଶଭକ୍ତି, ବଳିଦାନର କିଛି ଅର୍ଥ ରହିବନି। ଏବେ ତ ମୋ' ଝିଅ କହୁଚି– ମା... ମା... ମୁଁ ପାଠପଢ଼ି ବଡ଼ ହେଲେ ସୈନିକ ହେବି। ବାପାଙ୍କ ପରି ଶତ୍ରୁଙ୍କ ସହ ଲଢ଼ିବି। ଏମିତିରେ ତା' ନାଆଁରେ, ମୋ' ନାଆଁରେ ଅନେକ ସହାୟତା ରାଶି। ଭାବୁଚି ପିଲାଟାର ଭବିଷ୍ୟତ ପାଇଁ ମୋତେ ଚିନ୍ତା କରିବାକୁ ପଡ଼ିବନି।

: ଆଲୋ... ମୁଁ... ଏତେଗୁଡ଼ାଏ କଥା ଗପି ଚାଲିଚି ଅଥଚ ତୁ କ'ଣ ପାଟି ବନ୍ଦ କରି ରହିଚୁ ? ମୋ' କଥା ଶୁଣିପାରୁଚୁ ନା ନାହିଁ ? ଆରେ କ'ଣ ହେଲା, ତୁ... କାନ୍ଦୁଚୁ ଯେ ! କାହିଁକି ସାଂଗ। ତୋର ପୁଣି କ'ଣ ହେଲା ? ଦୁଃଖ ମୋର ଭାଗ୍ୟରେ ଥିଲା। ମୁଁ ତ ଆଉ କାନ୍ଦିବିନି ବୋଲି ସ୍ଥିର କରିନେଇଚି। ଏ ଶୁଣ ତୋ' ସାଂଗତ କାନ୍ଦିବନି, ତୁ କାହିଁକି କାନ୍ଦିବୁ ?

: ସାଂଗ କାଲି ତୋ' ସ୍ୱାମୀଙ୍କର ଏକାଦଶାହ ଗଲା, ହେଲେ ମୋର ଆଜିଠୁଁ ଆରମ୍ଭ...

: ମାନେ !

: ଆଜି ମୋ' ସ୍ୱାମୀଙ୍କ ମୃତଦେହ ଆସିଚି ବାଲାକୋଟ୍‌ରୁ। ମୁଁ ତ ଆଜି ହିଁ ବୁଝୁଚି ଘର ଛାଡ଼ି, ଛୋଟ ଛୁଆଟାକୁ ଛାଡ଼ି ସିଏ କୁଆଡ଼େ ମାସ ମାସ ଧରି ଅନ୍ତର୍ଦ୍ଧାନ ହେଇଯାଆନ୍ତି। ମୋତେ ତ ଲାଜରେ ମୁଣ୍ଡ ପିଟିଦେବାକୁ ଇଚ୍ଛା ହେଉଛି। ଗତ ରାତି ପାହାନ୍ତିରେ କୁଆଡ଼େ ଭାରତର ଲଢ଼ୁଆ ବିମାନ ବାଲାକୋଟ୍‌ର ସେଇ ଆଡ୍‌ଡା ଉପରେ ଆକ୍ରମଣ କରିଚି, ଯେଉଁଠି ଆତଙ୍କବାଦୀମାନଙ୍କ ସହ ମିଶି...।

: ଓଃ ! ବହୁତ ଦୁଃଖ ଖବର ଦେଲୁ ସାଂଗ।

: ତୁ ତ ତୋ' ସ୍ୱାମୀଙ୍କ ଲାଗି ଗର୍ବ କରିପାରୁଚୁ, ହେଲେ ମୁଁ ଆଉ ସେତିକି ଯୋଗ୍ୟ ହେଇ ରହିପାରିଲିନି। ତମ ଦେଶରେ ତୋ' ସ୍ୱାମୀଙ୍କ ଅମର ଜ୍ୟୋତି ଜଳୁଥିବ, ହେଲେ ମୋ' ନସିବ୍‌କୁ ଦେଖ୍, ଏଠି ମୁଁ ଗୋଟାଏ ଅର୍ଦ୍ଧଦଗ୍ଧ ଅଚିହ୍ନା ଶବକୁ ମୋ' ସ୍ୱାମୀର ସ୍ୱୀକୃତି ଦେଇ ଆଁସୁ ବୁହାଇ ଚାଲୁଛି।

: ଧୈର୍ଯ୍ୟ ଧର୍ ସାଂଗ। ସ୍ତ୍ରୀ ହିସାବରେ ତୁ ଆଉ କ'ଣ କରିପାରିଥା'ନ୍ତୁ! ଏବେ ପୁଅଟାକୁ ମଣିଷ କରିବା ଚିନ୍ତାକର। ବଡ଼ ହେଇ ସିଏ ଯେମିତି ତା' ବାପାର ଏଇ କଳା କଳଙ୍କକୁ ଲିଭେଇ ଦେଇପାରେ।

: କୋଶିଶ୍ ତ ଜରୁର କରିବି, ହେଲେ ବାକି ସବୁ ଖୁଦାଜାନେ।

: ଆଚ୍ଛା, ସାଂଗ ହିସାବରେ ତତେ ଗୋଟିଏ ଗୋପନ କଥା କହିବି, ତାକୁ ତୁ ଯାହାବି ଭାବିପାରୁ। ଭାରତ ହେଉ କି ପାକିସ୍ତାନ, ସ୍ୱର୍ଗ ହେଉ କି କବରସ୍ଥାନ ଗୋଟେ ସ୍ତ୍ରୀର ହୃଦୟରେ ସ୍ୱାମୀର ସ୍ଥାନ ସବୁବେଳେ ଏଇମିତି ରହିଥିବ, ଯାହା ଅମରଜ୍ୟୋତି ଅବା କଳାକୀର୍ତ୍ତିର ଉର୍ଦ୍ଧ୍ୱରେ ! ସତ ନା ନାହିଁ ?

– ବନ୍ଧପଡ଼ା, ମଦନପୁର, କେନ୍ଦ୍ରାପଡ଼ା



ଅନୁବାଦ ଗଳ୍ପ



# ଅଧିକାର

ମୂଳହିନ୍ଦୀ: ପରମା ଦତ୍ତ ଝା

ଅନୁସୃଜନ: ଭିକାରୀ ଚରଣ ପ୍ରଧାନ

ବାବୁଜୀ! ମୋ' ଭାଇର ବାହାଘର, ନିଶ୍ଚୟ ଆସିବେ। ଖୁସିରେ ଉଲ୍ଲସିତ ଲକ୍ଷ୍ମୀ ବାହାଘର କାର୍ଡ ଦେଉଦେଉ ମୋତେ କହିଲା।

: ନିଶ୍ଚୟ ଯିବି ଲକ୍ଷ୍ମୀ! ତୁମ ଘରକୁ ଯିବିନି ? ଏମିତି କ'ଣ ହୋଇପାରେ ? ମୁଁ ତାକୁ ଉତ୍ସାହ ଦେଇ କହିଲି।

ଲକ୍ଷ୍ମୀର ମା'ବାପା ସେତେବେଳେ ଚାଲିଯାଇଥିଲେ। ସେ ଅତିବେଶୀରେ ପନ୍ଦର ବର୍ଷର ହୋଇଥିବ। ତା' କୋଳରେ ଦେଢ଼ବର୍ଷର ଛୋଟ ଭାଇ ଆଉ ସାଥିରେ ପାଞ୍ଚବର୍ଷର ଭଉଣୀ ରାନୀ।

ଆଜି ଏଇ ଘଟଣାର କେତେବର୍ଷ ବିତି ଗଲାଣି। ଦେଢ଼ବର୍ଷର ସେଇ ଛୋଟ ଭାଇଟି ଆଜି ସୁନ୍ଦର ସୁଠାମ ଯୁବକ, ଯାହାର ବାହାଘର ଲକ୍ଷ୍ମୀ କରାଉଛି।

ଲକ୍ଷ୍ମୀ ଯିବା ପରେ ମୁଁ ସେଇ ପୁରୁଣା ସ୍ମୃତିରେ ହଜିଗଲି। ତା' ବାପା ଆନ୍ଧ୍ରପ୍ରଦେଶରୁ ଏଠାକୁ ମଜଦୁରି କରିବା ପାଇଁ ଆସିଥିଲା ଯେ ସାଇକେଲ ମରାମତି ଦୋକାନ ଦ୍ୱାରା ନିଜ ପରିବାର ଚଳାଉଥିଲା। ଗୋଟିଏ ଭଡ଼ା କୁଡ଼ିଆରେ ସେ ସ୍ତ୍ରୀ ଆଉ ପିଲାମାନଙ୍କ ସହ ରହୁଥିଲା।

ସେଇ ବସ୍ତିରେ ଜଗା ବଦମାସ୍ ବି ରହୁଥିଲା, ଯାହାର ପାପଦୃଷ୍ଟି ଚଉଦ ବର୍ଷର ଲକ୍ଷ୍ମୀ ଉପରେ ପଡ଼ିଥିଲା।

ସାବ୍‌ନା ରଙ୍ଗର ଲକ୍ଷ୍ମୀର ସେତେବେଳେ ଗୋଲଗାଲ ଚେହେରା ଥିଲା। ଦିନେ ଜଗା ମଉକା ଉଣ୍ଡି ଲକ୍ଷ୍ମୀକୁ ଜବରଦସ୍ତ କଲା। କଢ଼ିଟିଏ ଫୁଲ ହୋଇ ଫୁଟିବା ଆଗରୁ ଦଳି ମକଚି ଛିନ୍‌ଭିନ୍ ହେଇଗଲା।

ଜଗାର ଏହି କାଣ୍ଡରେ ଲକ୍ଷ୍ମୀର ସାଦାସିଧା ବାପ ଏତେ ଅଗ୍ନିଶର୍ମା ହୋଇଉଠିଲା ଯେ ସେ ଶୋଇଥିବା ଜଗାକୁ ଟାଙ୍ଗିଆରେ କାଟି ଦୁଇଗଡ଼ କରିଦେଲା।

ହତ୍ୟା ମାମଲାରେ ଲକ୍ଷ୍ମୀର ବାପ ଜେଲ୍ ଚାଲିଗଲା ଆଉ ମା' ଧାଈ କାମ କରି ପିଲାମାନଙ୍କୁ ପୋଷିବାରେ ଲାଗିଲା।

ଲକ୍ଷ୍ମୀ ଏଣେ କୁମାରୀ ମା' ବନି ଯାଇଥିଲା। ଲୋକଲଜ୍ଜା ଡରରେ ବସ୍ତି ଛାଡ଼ି ଏଠିକି ଚାଲି ଆସିଥିଲା। କିଛିଦିନ ପରେ ସରକାରୀ ହସ୍ପିଟାଲରେ ପିଲାଟିଏ ଜନ୍ମ ହୋଇ ତତ୍‌କ୍ଷଣାତ୍ ମୃତ୍ୟୁ, ଆଉ ଲକ୍ଷ୍ମୀ ମା'ର ଏହି ଦୁର୍ଦ୍ଦଶାକୁ ସାମ୍‌ନା କରି ନ ପାରି ଅକସ୍ମାତ୍ ସେପାରିକି ଚାଲିଯିବା ଏସବୁ ଏକ ସଙ୍ଗରେ ଘଟିଲା।

ଏକ ଦାତବ୍ୟ ସ୍କୁଲରେ ଧାଈ ଦରକାର ଥିଲା। ତେଣୁ ଲକ୍ଷ୍ମୀକୁ ରଖି ଦିଆଗଲା। ସକାଳୁ ନିୟମିତ ସମୟରେ ଆସିବା, ମନ ଲଗାଇ ନିଜ କାମ କରିବା, ସଭିଙ୍କୁ ମିଠା କଥାରେ ସନ୍ତୁଷ୍ଟ କରିବା ଲକ୍ଷ୍ମୀର ଏସବୁ ଭଲ ଗୁଣରୁ ସଭିଙ୍କ ସମ୍ମାନର ପାତ୍ରୀ ସେ ହେବାକୁ ଲାଗିଲା।

ଆଜି ଏହି ଘଟଣାକୁ ପଚିଶବର୍ଷରୁ ଅଧିକ ହୋଇଗଲାଣି। ଲକ୍ଷ୍ମୀ ଏବେ ଏକ ପ୍ରୌଢ଼ା ମହିଳା ପରି ଦେଖାଯାଉଛି।

: କ'ଣ ଲକ୍ଷ୍ମୀ ? ଏସବୁ ଝମେଲା ଭିତରେ ତୁ ନିଜର ବାହାଘର ବି ଭୁଲିଗଲୁ ? ମୁଁ କୌତୂହଳବଶତଃ ପଚାରିଲି।

: ଭୁଲିଲି କୋଇଠି ସାର୍ ? ବାହାଘର ପରେ ତ ଛୁଆ ହୁଅନ୍ତି ନା ? ଦୁଇଟି ଛୁଆ ମୋ' କୋଳରେ। ମୁଁ ସେମାନଙ୍କୁ ଜନ୍ମ ନ ଦେଲେ କ'ଣ ହେଲା, କ୍ଷୀର ପିଆଇ ପାଳିଛି ତ !

ଲକ୍ଷ୍ମୀର ଏଇ ଉକ୍ତି ମୋ' ଅନ୍ତରକୁ ଚହଲାଇ ଦେଲା।

: ତୁ କ୍ଷୀର ପିଆଇଛୁ ? ମୋ' ମୁହଁରୁ ବାହାରିପଡ଼ିଲା।

: ହଁ ସାହେବ ! ଜଗା ବଦ୍‌ମାସ ମତେ ବଦନାମ୍ କରିଦେଲା। ମତେ କିଏ ବାହା ହେଇଥାନ୍ତା ? ଛୁଆ ଜନ୍ମ କରିଥିବା ହେତୁ ଦିନେ ମୋର କାନ୍ଦୁରା ଭାଇକୁ କୌତୂହଳି ହୋଇ ସ୍ତନ ଧରାଇଲି। ସେ ଚୁପ୍ ହୋଇଗଲା। ମତେ ବି ମିଳିଲା ମାତୃତ୍ୱର ଏକ ସୁଖଦ ଅନୁଭୂତି। ତାକୁ ମୁଁ ଦୁଇବର୍ଷ ପର୍ଯ୍ୟନ୍ତ କ୍ଷୀର ପିଆଇ ବଡ଼ କରାଇଲି।

ଏ କଥା ଶୁଣି ମୁଁ ଚୁପ୍ ହୋଇଗଲି।

: କ'ଣ ଭାବୁଛ ବାବୁଜୀ ?

: ଏୟା ଯେ ତୋର ଯେତେ ପ୍ରଶଂସା କରାଯାଇପାରେ, ଏ କମ୍– ମୋ' ମୁହଁରୁ ବାହାରିଲା।

ଲକ୍ଷ୍ମୀର ଦୁଇ ଭାଇଭଉଣୀଙ୍କୁ ମୁଁ ସ୍କୁଲରେ ଭର୍ତ୍ତି କରାଇଥିଲି। ସେଠାରେ ସେମାନେ ଦ୍ୱାଦଶ ଶ୍ରେଣୀରେ ଫାଷ୍ଟ ଡିଭିଜନରେ ପାସ୍ କରିଥିଲେ।

ଭଉଣୀ ଯେତେବେଳେ ନର୍ସ ଟ୍ରେନିଂ ନେଇ ସରକାରୀ ହସ୍ପିଟାଲରେ ନର୍ସ ଥିଲା, ଭାଇ ବି.କମ୍. କରି ବ୍ୟାଙ୍କ୍‌ରେ କିରାଣି ଚାକିରି ପାଇଯାଇଥିଲା। ଭାଇର ବାହାଘର କାର୍ଡ ନେଇ ଲକ୍ଷ୍ମୀ ମୋ' ପାଖକୁ ଆସିଥିଲା।

: ଲକ୍ଷ୍ମୀ ! ତୁ ଏତେସବୁ କେମିତି କରିପାରିଲୁ ? ମୁଁ ଦିନେ ତାକୁ ପଚାରିଲି।

: ଏସବୁ ଭାବିବାର ବେଳ କୋଉଠି ଥିଲା ସାହେବ। ବାପା ଜେଲ୍‌ରେ, ମା' ଆରପାରିରେ। ସମ୍ପର୍କୀୟମାନେ କେହି ଆହା କଲେନି। ଏଣୁ ଯେନତେନ ପ୍ରକାରେଣ ଯେଉଁ କାମ ମିଳିଲା କରିଗଲି।

ସ୍କୁଲ କାମ କରିବା ସହ ଗୋଟାଏ ଦୁଇଟା ଘର କାମ କରି ଯାହିତାହି କିଛି ରୋଜଗାର କରି ଭାଇଭଉଣୀ ଦି'ଟା ଆଉ ନିଜର ପେଟ ଭରିଲି। ଫିସ୍ ଛଡ଼ା ଆଉ ସବୁବର୍ଷ ଖର୍ଚ୍ଚ ଥିଲା ଯାହା ପୂରା କରିକରି ଜୀବନ ଚାଲିଗଲା। ଆଜି ସମସ୍ତେ ନିଜ ଗୋଡ଼ରେ ଠିଆ ହୋଇପାରିଛନ୍ତି, ସେମାନଙ୍କୁ ହାତକୁ ଦି'ହାତ କରିବାର ଅଛି।

ଲକ୍ଷ୍ମୀ ଯେତେବେଳେ ଇ.ଡବ୍ଲ୍ୟୁ.ଏସ୍. ଘର ପାଇଁ କହିଲା ମୁଁ ଚମକି ଯାଇଥିଲି। ମୁଁ ତାକୁ ବ୍ୟାଙ୍କ୍‌ରୁ ଲୋନ୍ ଦିଆଇଥିଲି। ଗ୍ୟାରେଣ୍ଟି ମୁଁ ହିଁ ଦେଇଥିଲି। ମଜାର କଥା ଯେ ସେ ଠିକ୍ ସମୟରେ ପୂରା କିସ୍ତି ଦେଇ ଘର ନିଜର କରିପାରିଥିଲା। ଏହିପରି ଅନ୍ୟ ସମସ୍ତ ସମସ୍ୟାର ସାମ୍‌ନା ସେ ଆନନ୍ଦରେ କରିଯାଇଥିଲା।

ଦିନେ ଏକ ଖବରକାଗଜରେ କାହାର ଆତ୍ମହତ୍ୟା ଖବର ଶୁଣି ଲକ୍ଷ୍ମୀ ଅତ୍ୟନ୍ତ ବ୍ୟଥିତ ହୋଇ ମତେ ପଚାରିଲା– ସାହେବ ! ଲୋକମାନେ ଆତ୍ମହତ୍ୟା କରନ୍ତି କାହିଁକି ?

ଯେଉଁମାନଙ୍କର ଜୀବନ ପ୍ରତି ବିତୃଷ୍ଣା ଆସିଯାଏ କିମ୍ବା ସେମାନଙ୍କର ଅଭିଳଷିତ ଜିନିଷ ମିଳିପାରେ ନାହିଁ, ସେମାନେ ଆତ୍ମହତ୍ୟା କରିନିଅନ୍ତି– ମୋର ଉତ୍ତର ଥିଲା।

: ସାହେବ ! ମୋର ପୂରା ଜୀବନଟା ଥିଲା ସଂଘର୍ଷ। ମା'ବାପାଙ୍କୁ ଖାଇଲି, ଛୁଆକୁ ହରାଇଲି, ହେଲେ ଲଢ଼େଇ ଜାରି ରଖିଲି। ଯଦି ସଂଘର୍ଷ କରି ନ ଥା'ନ୍ତି, ତେବେ ଏ ଛୁଆ ଦୁଇଟା ଅନାଥ ହୋଇ ଖାଇବା ବିନା ଅକାଳରେ ଝଡ଼ି ଯାଇଥାନ୍ତେ। ଏଣୁ ଏମାନଙ୍କ ପାଇଁ ବଞ୍ଚିବାକୁ ପଡ଼ିଲା। ଏବେ ତ ଏହା ଅଭ୍ୟାସରେ ପଡ଼ିଯାଇଛି, ହେଲେ ମୋ' ମନରେ କେବେହେଲେ ଆତ୍ମହତ୍ୟା କରିବାର ଭାବନା ଆସିନାହିଁ।

ଲକ୍ଷ୍ମୀର ଏଇସବୁ କଥା ମୋତେ ପୂରାପୂରି ଚୁପ୍ କରାଇ ଦେଇଥିଲା।

– କହ୍ନେଇପୁର, ଖୋର୍ଦ୍ଧା

# ରୋଜଗାର

ମିନି ଗଳ୍ପ

ସୁମିତା ରାୟ ପଟ୍ଟନାୟକ

ପ୍ଲେ ସ୍କୁଲଠାରୁ ଆରମ୍ଭ କରି ସ୍ନାତକ ଯାଏଁ ପିଲାମାନଙ୍କୁ ଶିକ୍ଷା ଦବାର ସୁବର୍ଣ୍ଣ ସୁଯୋଗ ଛାଡ଼ନ୍ତୁ ନାହିଁ, ପାଠପଢ଼ା ସହ ଉନ୍ନତମାନର ବିଜ୍ଞାନାଗାର, କମ୍ପ୍ୟୁଟର ଶିକ୍ଷା, ଘୋଡ଼ାଚଢ଼ା ଏବଂ ସୁଇମିଂ ଶିକ୍ଷା ସାଙ୍ଗରେ କରାଟେ ଶିକ୍ଷାର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଘରୁ ପିଲାମାନେ ଯିବାଆସିବା କରିବା ପାଇଁ ବଡ଼ ବସ୍‌ର ବ୍ୟବସ୍ଥା ଅଛି। ମାସକ ଦରମା ଓ ବାର୍ଷିକ ଦରମା ବିଷୟରେ 'ରୋଜଗାର'ର ନିର୍ଦ୍ଦେଶକ ଡକ୍ଟର ଭାବଗ୍ରାହୀ ମହାପାତ୍ରଙ୍କ ସହ ସିଧାସଳଖ କଥାବାର୍ତ୍ତା କରିପାରିବେ, ସମୟ ସକାଳ ୯ଟାରୁ ୧୧ ଏବଂ ସନ୍ଧ୍ୟା ୫ରୁ ରାତି ୧୧, ଖାଇବା ଶୋଇବାକୁ ଛାଡ଼ି ଫୋନ୍ ଖୋଲା ରହିଥାଏ।

ମାଉସୀ ମାନେ ମୋର ସହଧର୍ମିଣୀ ଗେଲ୍ଲୀ ସୁମିତାଙ୍କ ବରାଦ ଅନୁଯାୟୀ ରେହେମନ ଚାଚାଙ୍କଠାରୁ ମଟନ ଆଣିବି କ'ଣ ଏତେ ବଡ଼ ସାଇନ୍ ବୋର୍ଡଟାକୁ ଦେଖି ମୁଣ୍ଡ କ'ଣ ହୋଇଗଲା। ଏତେ ବଡ଼ ବ୍ୟବସ୍ଥା ଯିଏ କରିଛି, ସେ ନିଶ୍ଚୟ ବଡ଼ ସରକାର ହୋଇଥିବ କି କ'ଣ ? 'ରୋଜଗାର' ଦୁଆର ବନ୍ଧରେ ଗୋଡ଼ ଥୋଉଥୋଉ ଦୁଇଜଣ ସୁନ୍ଦରୀ ତରୁଣୀ ଆସନ୍ତୁ, ଭିତରକୁ ଆସନ୍ତୁ କହି ନେଇଗଲେ ଭିତର ରୁମ୍‌କୁ। ଦେଖୁଦେଖୁ ଆଖିରେ କଳା ଚଷମା ପିନ୍ଧି, ଡାହାଣ ହାତରେ ଘଣ୍ଟା ବାନ୍ଧି, କୋର୍ଟ ଟାଇପିନ୍ଧା ହ୍ୟାଣ୍ଡ୍‌ସମ୍ ଯୁବକ ଜଣେ ପଶି ଆସି ପାଦ ଛୁଇଁ ପ୍ରଣାମ ଜଣାଇଲା। ପକ୍ୱ କେଶ ବୟସାଧିକ କାରଣରୁ ପଚାରିବାରୁ ଜଣାପଡ଼ିଲା ସେ ହେଉଛି ଯଦୁପତି ବିହାରସ୍ଥିତ ଆମ ନରେଶ ଭାଇଙ୍କ ପଡ଼ିଶା ସାହୁବାବୁଙ୍କ ବଡ଼ପୁଅ ଚଗଲା ରାଜୀବଲୋଚନ। ସ୍ନାତକରେ ଥରେ ନୁହେଁ, ଦୁଇଥର ଚେଷ୍ଟାକରି ଥାର୍ଡ କ୍ଲାସ ପାଇଥିବା ସେଇ ରାଜୀବ ସାହୁ ତ ? ଆଶ୍ଚର୍ଯ୍ୟ– କଥା କ'ଣ ? କଥା କ'ଣ ?



କଥାର ମୋଡ଼ ବଦଳାଇ ରାଜୀବ କହିଚାଲିଲା, ସାର୍ ସବୁ ଆପଣଙ୍କର ଆଶୀର୍ବାଦ ବଳରୁ। କିଛି ନ କରି ବେକାର ହୋଇ ଏଣେତେଣେ ବୁଲୁଥିବା ସମୟରେ ଆପଣଙ୍କ ପାଖକୁ ଆସି ନ ଥା'ନ୍ତି କି ଆପଣଙ୍କ ଉପଦେଶକୁ ଗ୍ରହଣ କରି ନ ଥା'ନ୍ତି। ସବୁ ଭାଗ୍ୟ ସାର୍– ଭାଗ୍ୟ, ଏବେ ମଧ୍ୟ ଆପଣଙ୍କ କହିବାନୁସାରେ ଲିଫ୍‌ଲେଟ୍ ବଣ୍ଟା ଚାଲିଛି। ଦେଖନ୍ତୁ ସାର୍! ନିଜକୁ ନିଜେ ବିଶ୍ୱାସ କରିପାରିଲି ନାହିଁ। ଆରେ ବାବାରେ ! ଏ କ'ଣ 'ସତରେ ଲିଫ୍‌ଲେଟ୍ ନା ଆଉ କ'ଣ ! ଏଠାରେ ଯେଉଁମାନେ ପାଠ ପଢ଼ାନ୍ତି ସମସ୍ତେ ବିଦେଶ ଫେରନ୍ତା, ଆଇନ୍‌ଷ୍ଟାଇନ୍‌ଙ୍କ ନାତି ଗଣିତ ପଢ଼ାନ୍ତି, ନିଉଟନ୍‌ଙ୍କ ଶ୍ୱଶୁର ବିଜ୍ଞାନ ପଢ଼ାନ୍ତି, ରାଧାମୋହନ ଗଡ଼ନାୟକଙ୍କ ପୁତୁରା ଓଡ଼ିଆ ପଢ଼ାନ୍ତି। ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ଅଜା ଦର୍ଶନଶାସ୍ତ୍ର ପଢ଼ାନ୍ତି। ହାବଲଟନ୍‌ଙ୍କ ଦ୍ୱିତୀୟ ପତ୍ନୀ ସବେରା ଇଂଲିଶ୍ ପଢ଼ାନ୍ତି। ଏମାନେ ସମସ୍ତେ ଲଣ୍ଡନ ଫେରନ୍ତା। ପ୍ୟାକେଜ୍ ୩ ଲକ୍ଷ। ମାସକୁ ଦରମା ୩ ହଜାର ଟଙ୍କା ମାତ୍ର। ଦେଖନ୍ତୁ ତ ଗୁରୁଜୀ ଆପଣ ଖୁସି ତ ? ହଁ ଆଉ ଗୋଟେ ଯୋଡ଼େ ଏମିତି ଉପାୟ ପାଖରେ ଥିଲେ ନିଶ୍ଚୟ କହିବେ ଗୁରୁଜୀ। ଆଁଟା କରି ପରେଶ ଗୁରୁଜୀ ରାଜୀବ ମୁହଁକୁ ଚାହିଁ ରହିଥିବା ବେଳେ ଡ୍ରାଇଭର ମାଂସ ଜରିଟା ଧରି ଚାଲନ୍ତୁ ଯିବା ବୋଲି କହୁଥିବାର ଶୁଣାଯାଉଥାଏ, ଗୁରୁଜୀ ଖାଲି ଭାବି ଚାଲିଥା'ନ୍ତି– ଆରେ ଘରକୁ ମାଂସ ନେବା କଥା ଇଏ ରାଜୀବ କେମିତି ଜାଣିଲା ?

– କବିଭୂଷଣ ମାର୍ଗ, ଢେଙ୍କାନାଳ

# ଏକ ଗୁଚ୍ଛ ଭୋଟ ଗପ

ଅନୁବାଦ ଗଳ୍ପ

– ମୃଣାଳ

## ॥ ଦୁଇଟି ଦୃଶ୍ୟ ॥

(୧)

ଆଜ୍ଞା, ନମସ୍କାର। ପୁଣି ଥରେ ମୁଁ ଆପଣଙ୍କ ଭରତପୁର ଗାଁକୁ ଆସିଗଲି। ନାଇଁନାଇଁ ବ୍ୟସ୍ତ ହେବା ଦରକାର ନାହିଁ । ଚେୟାର ଦରକାର ନାହିଁ। ମୁଁ ଏଇ ପିଣ୍ଡାରେ ଆପଣମାନଙ୍କ ସହିତ ବସିଯାଉଛି। କଥା କ’ଣ କି ମୁଁ ଏଥର ବି ନିର୍ବାଚନରେ ଠିଆ ହୋଇଛି।

– ହୁଁ।

– ଆପଣମାନଙ୍କର ସେବା କରିବାର ସୁଯୋଗ ପାଇଲେ ଧନ୍ୟ ହେବି।

– ହୁଁ।

ମୁଁ ଜାଣେ ଆପଣଙ୍କର ଏ ଅଞ୍ଚଳରେ ବହୁତ ସମସ୍ୟା। ସବୁଠୁ ବେଶି ସମସ୍ୟା ପାନୀୟଜଳର।

– ହୁଁ।

– ଆପଣମାନେ ଯଦି ମୋତେ ସୁଯୋଗ ଦିଅନ୍ତି, ତେବେ ମାସ ଦି’ଟାରେ ମୁଁ ଆପଣଙ୍କର ଏ ସମସ୍ୟାର ଚିର ସମାଧାନ କରିଦେବି। ଏ ଅଞ୍ଚଳରେ ମାଳମାଳ ନଳକୂପ ଖୋଳେଇ ଦେବି। କେତେ ପାଣି ପିଇବେ ପିଅନ୍ତୁ!

– ହୁଁ।

– ମୋ’ କଥାକୁ ଅବିଶ୍ୱାସ କରନ୍ତୁ ନାହିଁ। ମୁଁ ଯାହା କହେ, କରି ଦେଖାଏ।

– ହୁଁ।

– ମୁଁ ତେବେ ଆସୁଛି ଭାଇ, ଭୋଟଗୁଡ଼ିକ ମୋତେଇ ଦେବେ, ପ୍ଲିଜ୍।

– ହୁଁ।



(୨)

ଏକବର୍ଷ ପରେ।

– ଆଜ୍ଞା ନମସ୍କାର। ଆମେ ଭରତପୁରଗାଁର ଅଧିବାସୀ।

– ହୁଁ।

– ଆଜ୍ଞା, ଆମ ଗାଁରେ ପିଇବାପାଣି ଭାରି ମହରଗ। ଆପଣ ନଳକୂପ ବସେଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବୋଲି ଆମେ ଆପଣଙ୍କୁ ହିଁ ଭୋଟ ଦେଇଥିଲୁ। ଆପଣ ଜିତିବାରୁ ଆମେ ଭାରି ଖୁସି।

– ହୁଁ।

– ଆପଣ କହିଥିଲେ, ନିର୍ବାଚନର ଦି’ମାସ ଭିତରେ ନଳକୂପ ଖୋଳେଇ ଦେବେ।

– ହୁଁ।

– ଏହା ଭିତରେ ବର୍ଷେ ବିତିଗଲାଣି। କିଛି ହୋଇନି... । ବିଭାଗୀୟ ଯନ୍ତ୍ରୀଙ୍କୁ କହିକହି ଥକିଗଲୁଣି।

– ହୁଁ।

– କେବେ ହେବ ଆଜ୍ଞା ? ଆମେ ବଡ଼ କଷ୍ଟରେ ଅଛୁ। ପୋଖରୀ ପାଣି ପିଇ ସମସ୍ତଙ୍କୁ ଡାଇରିଆ। ନଳକୂଅଟିଏ ଖୋଳେଇ ଦିଅନ୍ତୁ ଆଜ୍ଞା।

– ହୁଁ।

– ଏଇ ଖରାଦିନକୁ ହେଇଯିବ ଆଜ୍ଞା ?

– ହୁଁ।

– ଆମେ ତେବେ ଯାଉଛୁ।

– ହୁଁ।

*

## ॥ ଭୂତ ॥

ପ୍ରତି ଅମାବାସ୍ୟା ରାତିରେ ଭରତପୁର ଗାଁମୁଣ୍ଡ ମଶାଣିର ଝଙ୍କାଳିଆ ବେଲଗଛରେ ଭୂତମାନଙ୍କର ଜୋର୍ ଖଟିହୁଏ। କାହିଁକାହିଁ ଦୂର ଅଞ୍ଚଳର ଭୂତମାନେ ସେଠି ଏକାଠି ହୁଅନ୍ତି। ଗପସପ ସୁଖଦୁଃଖ ହୁଅନ୍ତି। ଭୋର୍ ହେବା ଆଗରୁ ନିଜନିଜ ଜାଗାକୁ ବାହୁଡ଼ି ଯାଆନ୍ତି। ଭୂତମାନଙ୍କର ପରସ୍ପର ଦେଖାଚାହାଁର ସୁଯୋଗ କମ୍‌କିନା– ମାସରେ ସେଇ ଗୋଟିଏ ଅମାବାସ୍ୟା। ସେଇଥିପାଇଁ ବହୁ ଦୂରରୁ କିସମ କିସମର ଭୂତ ଏଠିକି ଆସନ୍ତି।

ସେଦିନ ଏ ଖଟିରେ ହଠାତ୍ ଭେଟାଭେଟି ହୋଇଗଲେ ତିନି ଭୂତ। ନେତା ଭୂତ, କର୍ମୀ ଭୂତ ଆଉ ଭୋଟର ଭୂତ। ଗତ ନିର୍ବାଚନ ପୂର୍ବରୁ ତିନିହେଁ ବଞ୍ଚିଥିଲେ।

ବଞ୍ଚିଥିଲାବେଳେ କେଇଥର ଭେଟାଭେଟି ହୋଇଛନ୍ତି। ନିର୍ବାଚନ ସରିଛି ଅଳ୍ପଦିନ ହେବ। ଏତେ ଶୀଘ୍ର ତିନିଜଣଯାକ ଭୂତ ଶରୀର ପ୍ରାପ୍ତ ହୋଇଥିବାରୁ ସାମୂହିକ ବିସ୍ମୟ ପ୍ରକାଶକଲେ। ବଞ୍ଚିଥିଲାବେଳେ ହୁଏତ ସେମାନେ ପରସ୍ପରର ଏତେ ଘନିଷ୍ଠ ହୋଇ ନ ଥାଆନ୍ତେ, କିନ୍ତୁ ଭୂତ ଲୋକ ଏକ ଦୋସରା ଜାଗା। ବିଦେଶରେ ନିଜ ଗାଁର ମୁହଁ ଚିହ୍ନା ଲୋକଟି ପରମ ବନ୍ଧୁ ବୋଲି ମନେହୁଏ, ସେହି ପ୍ରାୟ ଏମାନେ ପରସ୍ପରକୁ ଦେଖି ଅତ୍ୟନ୍ତ ଆହ୍ଲାଦିତ ହେଲେ। ପରସ୍ପର ପରସ୍ପରକୁ ପଚାରିଲେ ଆପଣ ଭୋଟ୍ ସରିବାର ଏତେ କମ୍ ଦିନ ଭିତରେ ଭୂତ କେମିତି ପାଲଟି ଗଲେ ?

କର୍ମୀ ଭୂତ କହିଲା, ଭୋଟ ସରିବା କଥା କ’ଣ କହୁଛନ୍ତି ମୁଁ ପରା ଭୋଟ ଚାଲିଥିବା ବେଳେ ଭୂତ ହେଇଗଲି। ମୁଁ ଆପଣଙ୍କ ଦଳର କର୍ମୀ ଥିଲି। ବୁଥ୍ କ୍ୟାପ୍‌ଚର୍ କରିବାକୁ ଯାଇ ବିରୋଧୀ ଦଳର କର୍ମୀଙ୍କ ସହିତ ଆମର ଜୋର୍ ମାର୍‌ପିଟ୍ ହେଲା, ସେତିକିବେଳେ ମୁଁ ମାରା ପଡ଼ିଗଲି। ଆଉ ଅପଘାତ ମୃତ୍ୟୁ ହେତୁ ଭୂତ ହେଲି।

ନିଜ କାହାଣୀ କହିସାରି କର୍ମୀ ଭୂତ ଭୋଟର ଭୂତକୁ ପଚାରିଲା, ଆପଣ କେମିତି ଭୂତ ହେଲେ ?

– ହାର୍ଟଫେଲ୍। ଭୋଟ୍ ଫଳାଫଳ ବାହାରିଲା ବେଳକୁ ଯେତେବେଳେ ଶୁଣିଲି, ଏଇ ନେତା ବିପୁଳ ଭୋଟ୍‌ରେ ଜିତିଛନ୍ତି, ମନ ଦୁଃଖରେ ମୋର ହୃତ୍‌ସ୍ପନ୍ଦନ ବନ୍ଦ ହେଇଗଲା। ମନଦୁଃଖରେ ମରିଥିବାରୁ ଭୂତ ହେଇଗଲି।

କର୍ମୀ ଭୂତ ଏବେ ନେତା ଭୂତକୁ ପଚାରିଲା– ଆଜ୍ଞା, ଆପଣ କେମିତି ଭୋଟ୍ ସରିବାର ଏତେ କମ୍ ଦିନ ଭିତରେ ଭୂତ ହେଇଗଲେ ?

– ମୋର ବି ହାର୍ଟଫେଲ୍ ହେଇଗଲା ହୋ। ଠିକ୍ ସେଇ ଭୋଟ୍ ରେଜଲ୍ଟ ବାହାରିବା ଦିନ। ଖବରଟା ଯେତେବେଳେ ଶୁଣିଦେଲି ଯେ ମୁଁ ଜିତିଯାଇଛି – ଖୁସିରେ ମୋ’ ହାର୍ଟଟା ଏମିତି ଉଚ୍ଛୁଳିପଡ଼ିଲା ଯେ ଫେଲ୍ କରିଗଲା। ହାଏ ଇଲେକ୍ସନ୍‌ରେ ଏତେ ପରିଶ୍ରମ, ଏତେ ଟଙ୍କା ଖର୍ଚ୍ଚ, ଏତେ କୁତୁରପେଞ୍ଚିଆ କାରବାର– ସବୁ ବେକାର ହେଇଗଲା ହୋ, ସବୁ ବେକାର ହେଇଗଲା।

## ॥ କିଏ ରହିବ? ॥

ଦୁଇଜଣ ତୁଙ୍ଗ ନେତା ଏକା ସାଙ୍ଗରେ ମଲେ। ବଞ୍ଚିଥିବାବେଳେ ସେମାନେ ଦେଶର ବହୁତ ସେବା କରିଥିଲେ, ଅନ୍ୟର ସୁଖଶାନ୍ତି ପାଇଁ ନିଜ ସ୍ୱାର୍ଥ ତ୍ୟାଗ କରିଥିଲେ ବୋଲି ଖବରକାଗଜ, ଟିଭିରେ ପ୍ରଚାର ହୋଇଥିଲା। ଚିତ୍ରଗୁପ୍ତ ବି ଆଜିକାଲି ଗଣମାଧ୍ୟମରେ ଯାହା ବାହାରୁଛି, ସେଇ ହିସାବରେ ପାପ-ପୁଣ୍ୟର ହିସାବ ଲେଖୁଛନ୍ତି। ତେଣୁ ଦୁଇ ନେତା ଯାଇ ପହଞ୍ଚିଲେ ସ୍ୱର୍ଗର ଦୁଆରମୁହଁରେ।

ହେଲେ ଯମରାଜ କହିଲେ, ମୁଁ ଭାରି ଦୁଃଖିତ ଆଜ୍ଞା। ସ୍ୱର୍ଗରେ ଆଉ ଗୋଟିଏ ମାତ୍ର ରୁମ୍ ଅଛି। ଜଣେ ମାତ୍ର ରହିପାରିବେ। ଆପଣ ଦୁହେଁ ବଞ୍ଚିଥିଲାବେଳେ ବହୁ ଲୋକଙ୍କ ପାଇଁ ସ୍ୱାର୍ଥ ତ୍ୟାଗ କରିଛନ୍ତି। ଆତ୍ମ ଉତ୍ସର୍ଗ କରିଛନ୍ତି। ଏବେ ଦୁହେଁ ଠିକ୍ କରିନିଅନ୍ତୁ ଆପଣଙ୍କ ଭିତରୁ କିଏ ଆତ୍ମ ଉତ୍ସର୍ଗ କରିବେ ଆଉ କିଏ ସ୍ୱର୍ଗରେ ରହିବେ।

ଏହା ଭିତରେ ବହୁଯୁଗ ବିତିଯାଇଛି। ଏବେ ବି ଠିକ୍ ହୋଇପାରି ନାହିଁ ଦୁଇ ନେତାଙ୍କ ଭିତରୁ କିଏ ସ୍ୱର୍ଗରେ ରହିବେ। ସେମାନଙ୍କ ମାର୍‌ପିଟ୍ ଏଯାଏଁ ସରିନି।

***

– ସଞ୍ଚାର ମାର୍ଗ, ଢେଙ୍କାନାଳ

# ଝରାଫୁଲର ବାସ୍ନା

ସୁନୀଲ ବୋଷ

ମୁର୍ଦ୍ଦାରଟା ଦରପୋଡ଼ା ରହିଗଲା। କୁଆଡ଼େ କାଠ ପାଇଲାନି। ଅଫିସ୍‌ବାଲା ଯେଉଁ ଶହେ ଟଙ୍କା ଦେଇଥିଲେ ସେଥିରେ ଶବ ସତ୍କାର କାମଟା ବି ଠିକ୍‌ସେ ହେଲାନି।

ରିଟାୟାରମେଣ୍ଟ ପରେ ଆହୁରି ଦଶ ବାର ବର୍ଷ କାମ କଲେ। ଦଶଟା ବାଜିଲେ ଉଚ୍ଛନ୍ନ କରନ୍ତି, କହନ୍ତି– ଜଲ୍‌ଦି ଦେଲ କ’ଣ ଦି’ଗଣ୍ଡା, ଅଫିସ୍‌ବେଳ ହେଇଗଲାଣି।

ସ୍ତ୍ରୀ ତାଙ୍କର ବିରକ୍ତ ହେଇ କହନ୍ତି– କ’ଣ ଚାକିରିରେ ଥିଲାବେଳେ ଯେଉଁ ଦଶଟାରେ ଯାଉଥିଲ ଏବେବି ସେଇୟା ? ଆହେ! ବିନା ପଇସାରେ କାହିଁକି ବେଠି ଖଟୁଛ ?

ତମେ ବୁଝିବନି ସେଗୁଡ଼ା, ମୁଁ ଅଫିସ୍‌ରୁ ଯେଉଁ ଶ୍ରଦ୍ଧା ସହାନୁଭୂତି ପାଉଛି ସେତିକି କ’ଣ ଯଥେଷ୍ଟ ନୁହେଁ। କ’ଣ ଦି’ଗଣ୍ଡା ଦବ କି ନାହିଁ କହିଲ ? ଆଜିପରା ଏଡିଏମ୍ ଆସିବେ।

ଅଫିସ୍‌ରେ ଡେରିରେ ପହଞ୍ଚିଲେ ଆଗ ପରି ବଡ଼ବାବୁ ଆଉ ବିରକ୍ତ ହୁଅନ୍ତିନି। ତାଙ୍କୁ ଏଇଟା ଭାରି ବାଧେ। ଅଫିସ୍‌ଟା ସତେଯେମିତି ତାଙ୍କ ଜୀବନର ଗୋଟେ ଅଙ୍ଗ ପାଲଟି ଯାଇଥିଲା। ସେଇ ମାଟିଆ ଫାଇଲ୍, ଭଙ୍ଗା ପଥରର ପେପରୱେଟ୍ ଆଉ ସ୍ୟାହିଲଗା ଟେବୁଲ୍ କ୍ଲଥ୍ ସାଥିରେ ସେ ଯେମିତି ମଜ୍ଜି ଯାଇଥିଲେ। ଏବେବି ସେ ସେଇ ହାତଭଙ୍ଗା ଚେୟାର୍‌ଟାରେ ବସନ୍ତି। କିନ୍ତୁ ଏବେ କାହିଁକି ପିଅନମାନେ ଆଉ ତାଙ୍କ କଥା ଆଗପରି ଶୁଣନ୍ତିନି। କହନ୍ତି–ବାବୁ! ଘରେ ଶୋଉନ! ଦେହ ଭଲ ରହିବ। କାହିଁକି ଖରାଟାରେ ଏତେ ବାଟ ଆସୁଛ ?

ପୁରୀରୁ ମହାର୍ଦ୍ଦ ଆଣିବାକୁ ବି ଅଫିସ୍ ଜିପ୍‌ଟା ମିଳିଲାନି। ଶେଷରେ ବସ୍‌ରେ ଡେରିରେ ଆସି ପହଞ୍ଚିଲା। ଅଳ୍ପ କିଛି ଅଫିସ୍ ଲୋକ ଆସିଥିଲେ। ସେମାନେ କହିଲେ– ଖଟିଖଟି ଲୋକଟା ମରିଗଲା। ତା’ପରେ ଅଫିସ୍‌ରେ କେତେଥର ଫାଇଲ୍ ହଜିଛି, କାମ ଭୁଲ୍‌ଭାଲ ହୋଇଛି। ସବୁ ତାଙ୍କରି ମୁଣ୍ଡରେ ଯାଇଛି। ଲୋକଟା ମରିଗଲା ସିନା ହେଲେ ବହୁ ଲୋକଙ୍କୁ ବଞ୍ଚାଇ ଦେଇଗଲା।






# ଲେଉଟାଣି

## ପ୍ରତିଭା ପରିଡ଼ା

ଏବେ ଫେରିବାର ପାଳି
ଫେରାଇ ନେଉଛି ମୋର ପାଦ
ପହିଲି ପାହୁଣ୍ଡ ବଢ଼େଇ ଦେଇଥିବା
ମୋର ଆଦ୍ୟ ଭୂମିକୁ
ଏବେ ମେଲାଣି ମାଗୁଛି
ମେଳାରେ ଛାଡ଼ି ଯାଇଥିବା ଦୃଶ୍ୟ ସବୁକୁ
ଗଛବୃଛ ମହଲ
କାନ୍ଥବାଡ଼ ଫାଟକରେ ଲେଖା
ଫର୍ଦ୍ଦ/ଚିତ୍ରସବୁକୁ
ଖରା ବର୍ଷା ଶୀତର ସକାଳ ସଞ୍ଜକୁ...

ମତୁଆଲା ଜହ୍ନରାତି
ଆଉ ଉହଉହ ତାତିର ବାଲିକୁ
ବିଦାୟ !
ବିଶ୍ୱାସ ଓ ବୁଝାମଣାର ଛକାପଞ୍ଝା ନିଶା
ପୁଣି, ଘଟଣା ଓ ଦୁର୍ଘଟଣାର
ଛାଇ ଆଲୁଅକୁ...

ଏ ପୃଥ୍ୱୀ ଯୁଦ୍ଧକ୍ଷେତ୍ର
ନା' ରଙ୍ଗମହଲର ମାନଚିତ୍ର !

ତେଲଲୁଣର ସଂସାରକୁ
ଲିପିପୋଛି ସୁତୁରା କରିବା ବେଳେ
ହଳାହଳ ଢୋକିଛି ମୁଁ,
ନୀଳ ଦର୍ପଣର ମୋହିତ ଆଭାରେ
ବିଭୋର ବି ହୋଇଛି...
ଲାଭକ୍ଷତିର ହିସାବକୁ
ବଜାରରେ ତଉଲି ତଉଲି
ମୁଁ ପରଖି ସାରିଛି ।।

ପାଇବା ଓ ହରାଇବା ବାଜି ଖେଳେ
କେହି ଏଠି ଜିତେ ନାଇଁ
କେହି ହାରେ ନାହିଁ
କେବେ, କେଉଁକାଳେ...
ରତ୍ନ ବଇଠାରେ ଜଳୁଥାଏ ଦୀପ
ବହି ଯାଉଥାଏ ସମୟ
ଲୁହ, ଝାଳ, ରକତ ପାଣିରେ...

ବିଦାୟ ଏବେ
ଦେଖ, ଘୁଞ୍ଚାଇ ନେଲି ମୋର ପାଦ...
ଲେଉଟାଣି ହିଁ ସତ୍ୟ
ଏକମାତ୍ର ଶେଷ ସତ୍ୟ ।।

*– ପ୍ଲଟ୍ ନଂ. ୬୬୨/୨୯୦୪/୧, ପାର୍କ ପାରାଡାଇଜ୍ କଲୋନୀ, ରଘୁନାଥପୁର, ନନ୍ଦନକାନନ ରୋଡ୍, ଭାୟା–ବାରଙ୍ଗ, ଜି–ଖୋର୍ଦ୍ଧା*

# ଈଶ୍ୱର

## ଅମୀୟ ରଞ୍ଜନ ମହାପାତ୍ର

ତମେ ଦେଇଥିବା
ସବୁ ଅନ୍ଧାର ଓ ଅନାୟୁଷ
ପ୍ରତିବଦଳରେ
ବାଢ଼ିଦେଲି ଅମରତ୍ୱ
ଯାଅ, ଈଶ୍ୱର ହୁଅ ଏବେ ।

ନୀରବତାତକ ନିଜର କରିନେଇ
କିଛି ଶବ୍ଦ ଦେଲି ତମ ଶୋଭାଯାତ୍ରା ପାଇଁ
ରଥରେ ବିଜେ କର ଏଥର ।

ମୋଟେ ଖୋଲା ହେଇ ନ ଥିବା ଗୋଟେ ଝର୍କା
କେହି କରାଘାତ କରୁ ନ ଥିବା ଗୋଟେ କବାଟ
କାନ୍ଧ ଉପରେ ଆଉଜି ପଡୁଥିବା ଦି'ହଳ କାନ୍ଥ
ଏତକ ଦେଇଛ, କ'ଣ କମ୍ କଥା !

ହାଡ଼ ଭିତରେ ହାହାକାର
ନିଆଁ ଲୁଚେଇଥିବା ଗୋଟେ ନଈର ଧାର
ଓ ଦୀର୍ଘଶ୍ୱାସରେ ତିଆରି ପଟେ ଦେହ
ଧାରଣ କରିଛି ଯେବେଠୁ
ମତେ ପରାସ୍ତ କରିପାରିବ କୋଉ ଲୁହ !

ତମ ପାଇଁ ସ୍ୱର୍ଗଟିଏ ହେବାକୁ
ମନାକରିନି କେବେ ।
ହେଲେ, ଯେବେ ବି ଅସ୍ପୃଶ୍ୟ କହିଛ ମତେ
ଛୁଇଁନି ତମ ଦେଉଳର ଛାଇ ।

ଲୋକଭର୍ତ୍ତି ଗୋଟେ ବସ୍‌ରେ
ଭୋକଭର୍ତ୍ତି ଦେହଟେ ଧରି
ଧାଇଁଛି ତ ଧାଇଁଛି ଜୀବନଯାକ
ପଚାରିନି କାହା ଖୁସିରେ କୁହ
ତମ ଦେଉଳର ମାର୍ବଲ ପାହାଚ ।

ପଚାରିନି ତମ ପୃଥିବୀ ଅପେକ୍ଷା
ମୋ' ପୃଥିବୀ କାହିଁକି ଏତେ ଅସୁନ୍ଦର ।

ମୁଁ ଅନ୍ଧାରରେ ଅଛି ତ ଅଛି
ତମେ ଅହଂକାରରେ ରୁହ ।
ହେ ମୋର ପ୍ରିୟତମ ଶତ୍ରୁ
ଆଶୀର୍ବାଦ ଦେଲି
ପ୍ରତି ଥର ତମେ ହିଁ ଈଶ୍ୱର ହୁଅ...

*– କଳାମଣ୍ଡପ ରାସ୍ତା, ପିଠାପୁର, କଟକ*

# ଦିନେ ଦିନେ

## ଚକ୍ରପାଣି ପରିଚ୍ଛା

ସବୁ ଠିକ୍‌ଠିକ୍ ଚାଲିଥିବା ବେଳେ
ତମେ ଧରେଇଦେଲ
ଫର୍ଦ୍ଦେ ଆକାଶ
ମୋ' ହାତରେ
କହିଲ: ଏଠି ଘରଟିଏ ତୋଳ ।।

କୋଉ ହଉଚି ଯେ !
ଫର୍ଦ୍ଦେ ଆକାଶର ଆୟତନରେ
ଘରଟିଏ ତୋଳିବା
କେତେ ଯେ ମୁସ୍କିଲ୍
ସେ କଥା ତମେ କେମିତି ଜାଣଂତ !
ତଥାପି ଆଙ୍କିଦେଲି ଚିତ୍ରଟିଏ
ଘର ସମେତ ଦୁଇ ପାହାଡ଼
ଓ ଧାରେ ନଈ...
ଏବେ ଫର୍ଦ୍ଦେ ଆକାଶ ଇ
ମୋ' ଜୀବନ ।।

ନଈକୁ ଡାକେ
ଧୋଇ ଦେଇ ଯା' ମୋ' ଦାଣ୍ଡ
ସଜାଡ଼ି ଦେଇ ଯା' ମୋ' ଉଜୁଡ଼ା
କ୍ଷେତ ।

ପାହାଡ଼ ତ ଅବୋଲକରା
ସବୁକାଳେ
ଫେରେଇଦିଏ ମୋର ସବୁ ଶବ୍ଦ
ସୁଧ ସମେତ ।।

ଘର ବୋଲିତ ବଖୁରିଏ
ନା ଚୁଲି ନା ଚାଳ
ମିଛମିଛ କାନ୍ଦଣା
ଏବଂ ମିଛମିଛ ରାନ୍ଧଣାରେ ସରେ ଦିନ...
ଏତେ ପରେ ବି
ଜାହିର୍ କରିପାରିନି ମାଲିକାନା
ଦବାନବାର ଦ୍ୱନ୍ଦ୍ୱ ଭିତରେ
ଫିକା ପଡ଼ିଯାଏ ତମ ଦାତାପଣ ।।

ଫର୍ଦ୍ଦେ ଆକାଶକୁ
ଚଉତା ଚଉତି କରି ଟାଙ୍ଗିଦେଇଚି
ଏବେ ପବନର କାନ୍ଥରେ ।।

*– ବୈପାରିଗୁଡ଼ା, କୋରାପୁଟ*

# ଗୀତି–କବିତା

# ଭଗ୍ନଶିଳାର ମଗ୍ନ ମନ

## ରମେଶ ମଙ୍ଗରାଜ

ଭଗ୍ନଶିଳାର ମଗ୍ନ ମନଟି
ଇତିହାସ ଖୋଜି ପାଉନି
ସ୍ମୃତିର ଡାଏରୀ ଛାତିର ସାଏରୀ
ନିରୋଳାରେ ହୁଏ ବାହୁନି ।।

ଶିରା ପ୍ରଶିରାରେ ଜ୍ୱଳନର ଲାର୍ଭା
ସଞ୍ଚାରି ସଞ୍ଚାରି ଯାଏ
ଅତୀତ ସୁମରି ବିଦଗ୍ଧ ମନଟି
କଇଁକଇଁ କାନ୍ଦିଥାଏ
କିଏ ଅବା ସତେ ସାନ୍ତ୍ୱନା ଦେବ
କରାଇବ ତାକୁ ତୁନି ।।

ଅପେକ୍ଷାରେ ଅଛି ଜଳିଜଳି ଯେବେ
ପାଉଁଶ ମୁଠାଏ ହେବ
ପାଉଁଶ ଗଦାରେ ହୁଏତ ତା' ପାଇଁ
ଇତିହାସ ରହିଥିବ
ସେତେବେଳେ ତା'ର ସ୍ମୃତିର ଅତୀତ
ହୋଇଯିବ ସତ କାହାଣୀ ।।

*– କବି ଓ କବିତା ଭବନ, ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା*

# ସଂଘର୍ଷ

## ସୁନନ୍ଦା ବିଶ୍ୱାଳ


ତମ ପାଇଁ ଉଜାଡ଼ି ଦେଇଛି
ମୋ' ଜୀବନ ବଗିଚାର
ସୁଖଦୁଃଖର ଫୁଲଫଳ...
ସେ ବଗିଚାରେ ମୋ' ଯୁଝିବାର ମୂଳ
ତମେ କଳି ପାରିଲନି ।।

ଭାବିଥିଲି ଦୁଃଖର ସବୁ ଫୁଲଫଳକୁ
ବିକି ସାରି ତା' ବଦଳରେ କିଣିବି
ସୁଖର କିଛି ଫୁଲତୋଡ଼ା
ମୁରୁକି ହସି ଧରେଇ ଦେବି ତୁମକୁ ।।

ଏବେ ତମେ ଜହ୍ନ ଆଲୁଅକୁ ନ ପାଇ
ଅମାଘେରରେ ପଡ଼ିଗଲ,
ସଂଘର୍ଷର ଶିକୁଳିକୁ ଗୋଡ଼ରେ
ବେଢ଼େଇବାକୁ ବାଧ ହେଲ...
ଆଉ କେତେଦିନ ?

ତମ କାନରେ ପୀଡ଼ିତାର କୋହ
ତୁଚ୍ଛ ସ୍ୱପ୍ନ...
ଭୁଲିଯାଅ ସବୁକିଛି...
ସଂଘର୍ଷ ହିଁ ସତ୍ୟ, ସ୍ୱାଗତ କର ।।

*– ଝାଞ୍ଜିରୀମଙ୍ଗଳା, କଟକ*






# ପ୍ରଥମ ଲେଖାର ଆନନ୍ଦ ଥରେ ଆସେ, ହେଲେ ସରେ ନାହିଁ...

**ଶ୍ୟାମ ପ୍ରକାଶ ସେନାପତିଙ୍କ ଜନ୍ମ ୧୯୭୦ରେ, ପୁରୀରେ। ପ୍ରକାଶିତ କବିତାଗ୍ରନ୍ଥ: 'ତାରାଭରା ଆକାଶ' (୨୦୦୬), 'ମାଆ' (୨୦୧୨), 'ବହୁବର୍ଣ୍ଣା' (୨୦୧୪) ଓ 'ବାପା' (୨୦୧୮)। ଶ୍ୟାମ ପ୍ରକାଶ ଖୋଲା ଆଖିରେ ଦୃଶ୍ୟମାନ ଜଗତକୁ ଦେଖନ୍ତି ସତ, କିନ୍ତୁ ପ୍ରତି କବିତାରେ କେବଳ ନିଜର ଛବି ହିଁ ଆଙ୍କନ୍ତି, ଯାହା ଭିତରେ ଶୁଭୁଥାଏ ଅଦୂର ସମୁଦ୍ରର ନିକାଞ୍ଚନ ଘୋ' ଘୋ'। କୂଳଛୁଇଁ ଫେରିଯାଉଥିବା ଢେଉ ପରି, କ୍ୟାରମ୍‌ର ଡଟ୍ ପରି ସେ ଅସୀମକୁ ଛୁଇଁ ନିଜ ଭିତରକୁ ଫେରନ୍ତି ବାରବାର। ସେ ନିଜ ସାରସ୍ୱତ-ସୃଷ୍ଟି ପାଇଁ ନାନା ଭାବେ ପୁରସ୍କୃତ, କିନ୍ତୁ ପୁରସ୍କାର ନୁହେଁ; ତାଙ୍କ ପାଇଁ ବଡ଼କଥା ସୃଜନର ଆନନ୍ଦ...**




ଶ୍ୟାମ ପ୍ରକାଶ ସେନାପତି

ସୃଜନଶୀଳତା ଭିତରେ ନିଜକୁ ଆବିଷ୍କାର କରିବାର ଅନୁଭବ ମୋ' ପାଇଁ ଅମୃତମୟ। ପିଲାଟି ଦିନରୁ ଜୀବନକୁ ନିଆରା ମଣିବାର ଏକ ପ୍ରେରଣା ମୋ' ଭିତରେ ସୃଷ୍ଟି ହୋଇଥିଲା। ସାଙ୍ଗସାଥୀ ମେଳର ଖେଳଘର ଛାଡ଼ି ମୁଁ ନୀରବରେ ଠିଆ ହୋଇ ଅନ୍ୟମନସ୍କ ହେଇଯାଏ। ଗତାନୁଗତିକ ଆନନ୍ଦ, ଚିରାଚରିତ କର୍ମ ମୋତେ ସନ୍ତୋଷ ଦେଇପାରୁ ନ ଥିଲା। ବୟସ ବଢ଼ିବା ସହିତ ମୁଁ ଅନୁଭବ କଲି ଜଗତ ଓ ଜୀବନକୁ ନିଆରା ଦୃଷ୍ଟିକୋଣ ନେଇ ଦେଖିବାର ଏକ ଜିଜ୍ଞାସା ମୋ' ଭିତରେ ସୃଷ୍ଟି ହେଉଛି। ମୋ' ଉଦାସପଣିଆକୁ ଇନ୍ଧନ ଯୋଗାଇଲା ଆମ ଘରର ତତ୍କାଳୀନ ପରିବେଶ। ବାପା ବୃତ୍ତିରେ ଜଣେ ଚିକିତ୍ସକ ଥିଲେ ହେଁ ପ୍ରବୃତ୍ତିରେ ଥିଲେ କଳା ଓ ସଂସ୍କୃତିପ୍ରେମୀ। ମଞ୍ଚ ନାଟକ ଦେଖିବାଠାରୁ ଆରମ୍ଭ କରି ଭକ୍ତି ସଂଗୀତ ଓ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେବା ତାଙ୍କର ନିଶା ଥିଲା। ଅନେକ ସମୟରେ ଆମ ଘରେ ସାହିତ୍ୟ ଓ ସଙ୍ଗୀତ ଆସର ଅନୁଷ୍ଠିତ ହେଉଥିଲା। ମୋ' ବଡ଼ ଭଉଣୀ ଗୀତ ଗାଉଥିଲା। କବିତା, ଗୀତ ଓ ସଙ୍ଗୀତର ଏ ମନୋଜ୍ଞ ପରିବେଶରେ ମୁଁ ନିଜକୁ ହଜେଇ ଦେଉଥିଲି। ଯାହା ଖୋଜୁଥିଲି ତାହା ମିଳିଯାଉଥିଲା ଏଥିରୁ। ବୟସ ବଢ଼ିବା ସହିତ ମୋର କବିତ୍ୱ କଅଁଳି ଉଠିଲା। ମୋର ପ୍ରଥମ କବିତା 'ସଞ୍ଚିଲେ ବଞ୍ଚିବି' 'ପ୍ରଜାତନ୍ତ୍ର ମୀନାବଜାର' ପୃଷ୍ଠାରେ ୧୯୮୮ ମସିହାରେ ପ୍ରକାଶିତ ହେଲା। ବାପାଙ୍କର ଜଣେ ବନ୍ଧୁ ମୋର ଏ କବିତା ପଢ଼ି ବାପାଙ୍କୁ ଜଣାଇଲେ। ବାପା ଘରକୁ ଆସି ମୋତେ ଏକଥା କହିବା ସହିତ ପ୍ରଶଂସା କଲେ। ମୋ' କବିତାର ପ୍ରକାଶିତ ରୂପ ଦେଖିବା ପାଇଁ ମୋ' ଭିତରେ ବ୍ୟାକୁଳତା ବଢ଼ିଲା। 'ପ୍ରଜାତନ୍ତ୍ର ମୀନାବଜାର'ରେ ସେତେବେଳେ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକମାନଙ୍କ ଲେଖା ପ୍ରକାଶ ପାଉଥିଲା। କାହାକୁ ନ ଜଣାଇ ଲେଖାଟିଏ ପଠାଇ ଦେଇଥିବାରୁ ଓ ତାହା ପ୍ରକାଶିତ ହୋଇଥିବାରୁ ତା'ର ମୁଦ୍ରିତ ରୂପ ଦେଖିବା ପାଇଁ ମୁଁ ବ୍ୟାକୁଳ ହୋଇ ଉଠିଲି। ସେତେବେଳେ ଆମ ଘରକୁ ପ୍ରଜାତନ୍ତ୍ର ଖବରକାଗଜ ଆସୁ ନ ଥିଲା। ପ୍ରଜାତନ୍ତ୍ର ଖଣ୍ଡେ ସଂଗ୍ରହ କରିବା ପାଇଁ ବଜାରକୁ ଗଲି। ମୋ' କବିତା ଅବିକଳ ଛପା ହୋଇଥାଏ। ସେ ମୁଦ୍ରିତ ଅକ୍ଷରଗୁଡ଼ିକୁ ମୁଁ ଆଉଁସି ଦେଲି। ମୋତେ ଲାଗିଲା, ମୋ' ଦେହରେ ଏହି ଅପୂର୍ବ ଏକ ଶିହରଣ ଖେଳିଯାଉଛି। ମୁଁ ଯେ କବିତା ଲେଖିପାରିବି, ଏପରି ଏକ ବିଶ୍ୱାସ ମୋ' ଭିତରେ ସୃଷ୍ଟି ହେଲା। ମୁଁ ବାରମ୍ବାର ସେଇ କବିତାଟିକୁ ପଢୁଥାଏ। ମୋର ଏଇ ଆଗ୍ରହକୁ ମୋ' ମାଆ ଲୁଚିଲୁଚି ଦେଖୁଥିଲେ। ମୋତେ କୋଳେଇ ନେଇ ଆହୁରି ଅଧିକ କବିତା ଲେଖିବା ପାଇଁ ପରାମର୍ଶ ଦେଲେ। ମାଆର ମୁହଁରେ ଆନନ୍ଦର ହସରେଖା ମୁଁ ଲକ୍ଷ୍ୟ କରୁଥିଲି। ଆମ ଘରର ଠିକଣା ଖବରକାଗଜ ପୃଷ୍ଠାରେ ଥିବାରୁ ବାପା ମଧ ଖୁସି ହେଉଥିଲେ। କବିତା ପ୍ରକାଶିତ ହେବା ପରେ ମା'ବାପାଙ୍କ ଆନନ୍ଦ ମୋତେ ଅଧିକ କବିତା ଲେଖିବା ପାଇଁ ଉତ୍ସାହିତ କଲା। ଗୁରୁଜନମାନଙ୍କଠାରୁ ମଧ ଆଶୀର୍ବାଦ ମିଳିଲା। ମନେପଡୁଛି, ସେଦିନ ରାତିରେ 'ମୀନାବଜାର'ର ସେଇ ପୃଷ୍ଠାକୁ ମୁଁ ବାରମ୍ବାର ପଢ଼ିଛି। କେବଳ ପଢ଼ିନାହିଁ, ଆଜି ପର୍ଯ୍ୟନ୍ତ ସାଇତି ରଖିଛି। ଏଯାବତ୍ ମୋର ଚାରିଟି କବିତା ସଂକଳନ ('ତାରାଭରା ଆକାଶ', 'ମାଆ', 'ବହୁବର୍ଣ୍ଣା' ଓ 'ବାପା'), ଏକାଧିକ ଗଳ୍ପ, ପ୍ରବନ୍ଧ, ଫିଚର ଓ ସମ୍ପାଦନା ପୁସ୍ତକ ପ୍ରକାଶିତ ହୋଇଥିଲେ ମଧ ପ୍ରଥମ ଲେଖାର ଆନନ୍ଦ ମୁଁ କେବେ ବି ଆଉଥରେ ଅନୁଭବ କରିପାରି ନାହିଁ। ସେ ଆନନ୍ଦ ଜୀବନରେ ଥରେ ଆସେ, ହେଲେ ସରେନାହିଁ।

## ପୁସ୍ତକ ପରିଚୟ

### ଭାରତୀୟ ସାହିତ୍ୟ ଓ ସଂସ୍କୃତି

**ଲେଖକ: ନକୁଳ ଚନ୍ଦ୍ର ସାହୁ**
**ପ୍ରକାଶକ: କାବ୍ୟଲୋକ, ଜଟଣୀ, ପୁରୀ**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୨୦୦/-**





ସାହିତ୍ୟ, ସଂସ୍କୃତି, ଧର୍ମ ଓ ଜୀବନକୁ ନେଇ ମୋଟ ୨୬ଟି ପ୍ରବନ୍ଧ ସ୍ଥାନିତ ଏହି ଗ୍ରନ୍ଥରେ। ଗ୍ରନ୍ଥାରମ୍ଭରେ ଥିବା 'ପ୍ରଣେତୀୟ' ଶୀର୍ଷକ ଗଦ୍ୟଲେଖରେ ଲେଖକ କହଂତି: ''ଜୀବନ ପାଇଁ ଓ ସଂସ୍କାର ପାଇଁ ପ୍ରୟୋଜନୀୟ ବିଷୟ ଉକ୍ତ ଗ୍ରନ୍ଥରେ କରାଯାଇଛି ଆଲୋକିତ। ଭାରତୀୟ ଶ୍ରେଷ୍ଠ ସାହିତ୍ୟ କିଛି ମଧ୍ୟ ହୋଇଛି ଆଲୋଚିତ। ଓଡ଼ିଆ ଭାଷାରେ ଅଲଭ୍ୟ ବିରଳ ଉଚ୍ଚାଙ୍ଗ ଶାସ୍ତ୍ରୀୟ ସାହିତ୍ୟର କରାଯାଇଛି ଗ୍ରନ୍ଥୀ ଉନ୍ମୋଚନ।'' ପୁସ୍ତକଟି 'ଏକ ଦୀର୍ଘକାଳ ବ୍ୟାପୀ ଆଧ୍ୟାତ୍ମିକ ଓ ଶବ୍ଦ ସାଧନାର ଅମୃତପୁଷ୍ପ' ବୋଲି ମଧ ସେ ନମ୍ରୋକ୍ତି କରିଛନ୍ତି। 'ଭାରତୀୟ ସାହିତ୍ୟରେ ବ୍ରହ୍ମତତ୍ତ୍ୱ', 'ହ୍ଲାଦିନୀ', 'ବୈଦିକ ସାହିତ୍ୟ, ସଂସ୍କୃତି ଓ ଧର୍ମର ମୂର୍ତ୍ତି', 'ବାଲ୍ମୀକିଙ୍କ ରଚନାର ଦସ୍ତଖତ: ଏକ ସମ୍ମୁଖ ଦୃଷ୍ଟିପାତ', 'ମେଘଦୂତ: ଗୋଟିଏ କାଳଜୟୀ ସୃଷ୍ଟିର ଚିତ୍ର', 'ଭାରତୀୟ ସଂସ୍କୃତି ଓ ଦେହର ପ୍ରାରବ୍ଧ', 'ଶ୍ରୀଅରବିନ୍ଦ ଓ ଶ୍ରୀଦୁର୍ଗା', 'ସଂସ୍କୃତିର ଶୀର୍ଷବିନ୍ଦୁ: ବେଦରୁ ଅମରୁ' ଭଳି ପ୍ରବନ୍ଧଗୁଡ଼ିକ ଲେଖକଙ୍କ ଗଭୀର ଅଧ୍ୟୟନ ଓ ମନନର କାଂକ୍ଷିତ ଫଳଶ୍ରୁତି। ପୁସ୍ତକଟି ଜିଜ୍ଞାସୁ ପାଠକଙ୍କ ଚିତ୍ତତୃପ୍ତି ଘଟାଇବା ସଂଗେ ସଂଗେ ଛାତ୍ର ଓ ଗବେଷକମାନଙ୍କ ପାଇଁ ସହାୟକ ହୋଇପାରିବ।

### ସତ୍ୟାନ୍ୱେଷୀ

**ଲେଖକ: ତନ୍ମୟ କୁମାର ଆଚାର୍ଯ୍ୟ**
**ପ୍ରକାଶକ: ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ. ୫୫୦/-**


'ସତ୍ୟାନ୍ୱେଷୀ' ଲେଖକଙ୍କ ରଚିତ ଦ୍ୱିତୀୟ ଉପନ୍ୟାସ, ଯହିଁରେ ମାଲକାନଗିରି ଜିଲାରେ ଅର୍ଜିତ ତାଙ୍କ ଅନୁଭୂତି ରୂପାୟିତ। ପ୍ରଚ୍ଛଦଲେଖରେ କୁହାଯାଇଛି: ''ଏହା ଆଂଶିକ ଭାବରେ ୨୦୦୮ରୁ ୨୦୧୪ ମଧ୍ୟରେ x x ରଚିତ। x x ଏହି ଉପନ୍ୟାସ ମାଧ୍ୟମରେ ଲେଖକ ପାଠକର ହାତ ଧରି ତାକୁ ମାଲକାନଗିରି ଜିଲାର ଅନାବିଷ୍କୃତ ଭୂଖଣ୍ଡକୁ ବାଟ କଢ଼ାଇ ନେଇଯାଆନ୍ତି। ଜଣେ ଦକ୍ଷ ଯାଦୁକର ପରି ସେ ଶବ୍ଦଗୁଡ଼ିକୁ ଚୟନ କରିଛନ୍ତି ଏବଂ ପବିତ୍ର ଦଣ୍ଡକାରଣ୍ୟ ତଥା ସେଠାକାର ସାମୂହିକ ଜୀବନକୁ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି।'' ଉପନ୍ୟାସଟି ଆରମ୍ଭ ହୋଇଛି ଏକ ବିସ୍ମୟକର ବାକ୍ୟରୁ, ଯାହା ପାଠିକାପାଠକଙ୍କୁ ସମଗ୍ର ଉପନ୍ୟାସଟି ପଢ଼ିବାକୁ ବିବଶ କରେ। ତାହା ହେଲା- ''କେଉଁଠି ଅଛି ଚିର ଶାନ୍ତି ଓ ଆନନ୍ଦ ? କେଉଁଠି ଅଛି ନିର୍ବିକାର ଆତ୍ମସନ୍ତୋଷ ? କେଉଁଠି ଅଛି ମୁକ୍ତି ? ଯଦି ଏ ଜୀବନରେ ନାହିଁ, ତେବେ ଏହାର ଅନ୍ତ ଶୀଘ୍ର ହେଉ ନାହିଁ କାହିଁକି ?'' ଏହାର ଉତ୍ତର ହେଉଛି ସମଗ୍ର ଉପନ୍ୟାସ, ଯାହାର ଉତ୍ସ ମୂଳତଃ ସତ୍ୟ ଓ ଦୃଢ଼ତା ବୋଲି ଲେଖକ କହିଛନ୍ତି। ଓଡ଼ିଆ ଉପନ୍ୟାସ ଭଣ୍ଡାରକୁ 'ସତ୍ୟାନ୍ୱେଷୀ' ଯେ ସମୃଦ୍ଧ କରିଛି, ଏଥିରେ ସନ୍ଦେହ ନାହିଁ।




### ସେହି ନେତା ଯାହା ପାଖରେ ଉପାଧି ନ ଥିଲା


**ଲେଖକ: ରବୀନ୍ ଶର୍ମା**
**ପ୍ରକାଶକ: ଜାଇକୋ ପବ୍ଲିଶିଙ୍ଗ୍ ହାଉସ୍, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୯୯/-**

ଆଲୋଚ୍ୟ ବହିଟି ସାହିତ୍ୟ ନୁହେଁ, କିନ୍ତୁ ପଢ଼ିଲେ ସାହିତ୍ୟପାଠର ରୋମାଞ୍ଚ ଆଣେ। କାରଣ ବହିଟିକୁ ଯେଉଁ ବ୍ୟକ୍ତି ଜଣକ ଲେଖିଛନ୍ତି, ସେ ହେଉଛନ୍ତି 'ବ୍ୟବସାୟିକ ସଫଳତା' ଓ 'ବ୍ୟକ୍ତିତ୍ୱ-ବୃଦ୍ଧି' କ୍ଷେତ୍ରରେ ବିଶ୍ୱର ନାନା ଅନୁଷ୍ଠାନକୁ ତାଲିମ୍ ଦେଇ ସଫଳତାର ସୂତ୍ର ବାଣ୍ଟିବାଣ୍ଟି ଆସିଥିବା ଜଣେ ବିଶ୍ୱସ୍ତରୀୟ ବ୍ୟକ୍ତିତ୍ୱ। ପୁସ୍ତକଟିରୁ ଯାହା ଶିକ୍ଷଣୀୟ, ତାହା ହେଉଛି- ନିଜ ପଦପଦବୀ ନିର୍ବିଶେଷରେ ଜଣେ କିପରି ଅନ୍ୟମାନଙ୍କ ସହ କାମ କରିପାରିବ ଓ ଏକ ମହାନାୟକ ଭାବେ ଅନ୍ୟକୁ ପ୍ରଭାବିତ କରିପାରିବ, ଦ୍ରୁତ ପରିବର୍ତ୍ତନଶୀଳ ସମୟରେ ସୁଯୋଗକୁ ଚିହ୍ନି କିପରି ଜଣେ ତାହାକୁ ସଫଳତାର ସହ କରଗତ କରିପାରିବ, କିପରି ଜଣେ ଏକ ଦକ୍ଷ ଦଳ (ଟିମ୍) ନିର୍ମାଣ କରି ବ୍ୟବସାୟିକ ସଫଳତା ହାସଲ କରିପାରିବ, ନେତୃତ୍ୱ ଗ୍ରହଣ ପାଇଁ ନିଜକୁ ଜଣେ କିପରି ଦକ୍ଷ ସାବ୍ୟସ୍ତ କରିପାରିବ ଓ ସର୍ବୋପରି ନାନା ଚାପକୁ ପରାସ୍ତ କରି କିପରି ଜଣେ ବ୍ୟକ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା ପୂର୍ବକ ସନ୍ତୋଷଜନକ ଜୀବନ ନିର୍ବାହ କରିପାରିବ- ଏ ସବୁର ସୂତ୍ର ଆହରଣ। ଯୁବପିଢ଼ି ଓ ସଫଳ ଜୀବନାନ୍ୱେଷୀ ପାଇଁ ଗ୍ରନ୍ଥଟି ପ୍ରାପ୍ତିର ଏକ ଅବକାଶ।




### ଲକ୍ଷ୍ୟସିଦ୍ଧି

**ମୂଳ ଇଂରାଜୀ: ଡା. ଶିବା ସୁବ୍ରମଣି**
**ଓଡ଼ିଆ ଅନୁବାଦ: ଆଶିଷ କୁମାର ସରକାର**
**ପ୍ରକାଶନ: କିତାବ ମହଲ, କଟକ-୩**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୫୦/-**




ପୁସ୍ତକଟି ଓଡ଼ିଶା ରାଜ୍ୟ କ୍ୟାଡରର ଜଣେ ଆଇପିଏସ୍ ଅଫିସର ଡା. ଶିବା ସୁବ୍ରମଣିଙ୍କ ଦ୍ୱାରା ରଚିତ, ଯେ କି ଅତି ତଳସ୍ତରରୁ ନିଜର ସଂକଳ୍ପ ଓ ସାଧନା ବଳରେ ଷଷ୍ଠ ଥରର ପ୍ରଚେଷ୍ଟାରେ ଆଇପିଏସ୍ ପାଇବାକୁ ଯୋଗ୍ୟ ହୋଇପାରିଛନ୍ତି। ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବା ଅବକାଶରେ ସେ ନିଜେ ଯେଉଁ ସଙ୍କଟ ଓ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ସେଇ ଅଭିଜ୍ଞତା ଆଧାରରେ ସେ ଏହି ଗ୍ରନ୍ଥଟି ଲେଖିଛନ୍ତି, ଯାହା କେନ୍ଦ୍ର ଓ ରାଜ୍ୟ ସ୍ତରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉଦ୍ୟମୀ ଛାତ୍ରୀଛାତ୍ରମାନଙ୍କୁ ସହାୟତା କରିପାରିବ। ପୁସ୍ତକଟିର ପ୍ରସଙ୍ଗ ଯଦିଓ ସାହିତ୍ୟର ପ୍ରସଙ୍ଗ ନୁହେଁ, କିନ୍ତୁ ଜଣେ କୃଷକ ପରିବାରର ନିମ୍ନବିତ୍ତ ଯୁବକର ଏପରି ଆତ୍ମକଥନ ଆତ୍ମାରେ ସର୍ବଥା ଉଚ୍ଚାଙ୍ଗ ସାହିତ୍ୟ-ଶ୍ରେଣୀର। ଏହି କାରଣରୁ ବର୍ଗ ନିର୍ବିଶେଷରେ ଏହା ଅବଶ୍ୟ ପଠନଯୋଗ୍ୟ।